ସକାଳ THE SAKALA



● ଅଭିଯୁକ୍ତକୁ ଧରି ପୁଲିସ ଜିମା

## ଡାକ୍ତରଖାନାରେ ରୋଗୀଙ୍କଠାରୁ ମୋବାଇଲ ଲୁଟ୍

**ବାଲେଶ୍ୱର, ୨୩।୩(ସମିସ):** ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମୋବାଇଲ ଚୋରଙ୍କ ଉତ୍ପାତ ବଢ଼ିବାରେ ଲାଗିଛି । ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ଫାଣ୍ଡି ପୁଲିସକୁ ଖାତିର ନ କରି ଏହି ଚୋର ମାନେ ବିଭିନ୍ନ ୱାର୍ଡରେ ଘୁରି ବୁଲୁଛନ୍ତି । ସୁଯୋଗ ଉଣ୍ଡି ବେଡ୍‌ରେ ଥିବା ରୋଗୀ କିମ୍ବା ରୋଗୀଙ୍କ ଅଭିଭାବକଙ୍କଠାରୁ ମୋବାଇଲ ଝାମ୍ପିନେଇ ଚମ୍ପଟ ମାରୁଛନ୍ତି । ଏହିଭଳି ଶନିବାର ଦିନ ପୂର୍ବାହ୍ନରେ ମୁଖ୍ୟ ଡାକ୍ତରଖାନାର ପ୍ରସୂତି ୱାର୍ଡରେ ଚିକିତ୍ସାଧୀନ ଥିବା ଜନୈକା ମହିଳାଙ୍କଠାରୁ ତାଙ୍କ ମୋବାଇଲଟି ନେଇ ଜଣେ ଚୋର ଖସି ପଳାଉଥିଲା । ତାକୁ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଓ ଅନ୍ୟ ରୋଗୀ ମାନଙ୍କ ଅଭିଭାବକ ମାନେ ଗୋଡାଇ ଗୋଡ଼ାଇ ଧରିପାରି ନଥିଲେ । ମାତ୍ର ଅପରାହ୍ନରେ ସେହି ଚୋର ଜଣକ ନିଶାସକ୍ତ ଅବସ୍ଥାରେ ମୁଖ୍ୟ ଡାକ୍ତରଖାନା ପରିସରରେ ବସି ଢୁଳାଉ ଥିଲା । ମୋବାଇଲ ଚୋରି ହୋଇଥିବା ମହିଳାଙ୍କ ସ୍ୱାମୀ ବାଲେଶ୍ୱର ସଦର ଥାନା ଖାନନଗର ଗ୍ରାମର ଉମେଶ କୁମାର ମଲ୍ଲିକ ଓ ତାଙ୍କ ଆତ୍ମୀୟମାନେ କାବୁକରିନେଇ ହସ୍ପିଟାଲ ଫାଣ୍ଡି ପୁଲିସକୁ ହସ୍ତାନ୍ତର କରିଥିଲେ । ଖବର ନେବାରୁ ଜଣାପଡ଼ିଛି ମୋବାଇଲ ଚୋରି ଅଭିଯୁକ୍ତର ପତ୍ନୀ ମଧ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ରେ ଚିକିତ୍ସାଧୀନ ଅଛନ୍ତି । ଚୋର ଜଣକୁ ଧରି ଫାଣ୍ଡି ହାଜତରେ ପୁଲିସ ରଖିଛି । ନିଶା ଛାଡିବା ପରେ ତାର ବୟାନ ନିଆଯିବ ବୋଲି ଫାଣ୍ଡି ପୁଲିସ ପକ୍ଷରୁ କୁହାଯାଇଛି ।



## ଜୁଣବଲଦାରେ ପ୍ରିମିୟର ଲିଗ୍ ସିଜିନ-୧ ଉଦ୍‌ଘାଟିତ



**ରାଜଘାଟ, ୨୩।୩ (ସମିସ):** ବସ୍ତା ବ୍ଲକ କୁଳିଦା ପଞ୍ଚାୟତ ଅନ୍ତର୍ଗତ ଜୁଣବଲଦାରେ ୟୁଥକ୍ଲବ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ 'ଜୁଣବଲଦା ପ୍ରିମିୟର ଲିଗ ସିଜିନ-୧ ଶନିବାର ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କୁଳିଦାର ପୂର୍ବତନ ସରପଞ୍ଚ ସୁନୀଲ କୁମାର ସେନାପତି, ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ନାଏବ ସରପଞ୍ଚ ଅରବିନ୍ଦ ପ୍ରଧାନ, ସୁଦର୍ଶନ ଦଳାଇ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ ରାଧିକା ୱାରିୟସ ଓ ଶୁଭମ ଏକ୍ସଆଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚରେ ରାଧିକା ୱାରିୟସ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍ ଆଇ ଏମସି ଓ ଏସଆର ଇଗଲ ମଧ୍ୟରେ ହୋଇଥିବା ବେଳେ ଏସଆର ଇଗଲ ବିଜୟୀ ହୋଇଥିଲା । ସେହିପରି ଆଜିର ଅନ୍ତିମ ମ୍ୟାଚ କେଏସପି ସୁପର ଜଏଣ୍ଟସ ଓ ଏସଏସ ଏକ୍ସଆଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏସଏସ ଏକ୍ସଆଇ ବିଜୟୀ ହୋଇଥିଲା । ଅମ୍ପାୟାର ସୁଧୀର କୁମାର ଦଳାଇ ନେତ୍ରାନନ୍ଦ ଦଳାଇ, କାହ୍ନୁ ଦାସ ଓ ରାଜୁ ପ୍ରଧାନ ଖେଳକୁ ପରିଚାଳନା କରିଥିଲେ । ଜିକୁ ସେନାପତି, ଉପେନ୍ଦ୍ର ମହାନ୍ତି, ବିକାଶ ଦଳାଇ, ବିନୋଦ ଦଳାଇ, ଜଗନ୍ନାଥ ଦେ, ଦେବୁ ଦଳାଇ, ସିଟୁ ଦଳାଇ ସମେତ କ୍ଲବର ସମସ୍ତ ସଦସ୍ୟ ଖେଳକୁ ପରିଚାଳନାରେ ସହଯୋଗ କରିଥିଲେ ।

## ବିପୁଳ ମଦ ଜବତ, ବିହାରୀ ବିକ୍ରେତା ଗିରଫ

**ଖଇରା, ୨୩।୩ (ସମିସ):** ଖଇରା ଥାନା ଅଧୀନ ବର୍ଡନା ଓ କୁପାରୀ ଅଞ୍ଚଳରେ ଘରେ ଘରେ ଦେଶୀ ଓ ବିଦେଶୀ ମଦ ଯୋଗାଇ ଆସୁଥିବା ବିହାରୀ ମଦ ବିକ୍ରେତା ରଣଜିତ ଗୁପ୍ତାଙ୍କୁ କାବୁ କରିଛି ଖଇରା ଅବକାରୀ ବିଭାଗ । ବର୍ଡନାରେ ମଦ ଆଡ୍ଡା ଚଲାଇଥିବା ଏହି ବିକ୍ରେତା ଅବକାରୀ ପୁଲିସ ଆଖିରେ ଧୂଳି ଦେଇ ଖଇରା ଅଞ୍ଚଳର ଗାଁଗାଁକୁ ମଦ ଯୋଗାଇ ଆସୁଥିଲା । ଶନିବାର ଗାଡିରେ ମଦ ନେଇ କୁପାରୀ ଅଭିମୁଖେ ଯାଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଥାନା ଓଆଇସି ସୁରଜ କୁମାର ଟିଗା ସଦଳ ବଳେ ବହୁଳ ପରିମାଣର ମଦ ଜବତ କରିବା ସହ ବିକ୍ରେତା ଗୁପ୍ତାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

## ଦୁର୍ଘଟଣାରେ ଦୁଇ ଶିକ୍ଷକ ଗୁରୁତର

**ବାଲିଆପାଳ, ୨୩।୩ (ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ସିମୁଳିଆ ଛକ ମୁଖ୍ୟରାସ୍ତାରେ ଟେଂଟ ବାଉଁଶ ଖସି ପଡ଼ିବାରୁ ବାଇକରେ ଯାଉଥିବା ଦୁଇ ଶିକ୍ଷକ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଆହତ ଶିକ୍ଷକ ହେଲେ ସୁନାରୁଇ ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ଜେନା ଏବଂ ଇକଡପାଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପଙ୍କଜ କୁମାର ସାହୁ । ଏହି ଦୁଇ ଶିକ୍ଷକ ଆଜି ସ୍କୁଲରୁ ଫେରି ବିଇଓ କାର୍ଯ୍ୟାଳୟକୁ ବାଇକରେ ଯାଉଥିଲେ । ଏହି ସମୟରେ ସିମୁଳିଆ ଛକ ନିକଟରେ ରାସ୍ତା ଉପରେ ହୋଇଥିବା ଏକ ଟେଂଟ ବାଉଁଶ ତାଙ୍କ ମୁଣ୍ଡ ଉପରେ ଖସିପଡ଼ିଥିଲା । ଏଥିରେ ଦୁଇ ଶିକ୍ଷକଙ୍କ ମୁଣ୍ଡ ଏବଂ ନାକରେ ଗଭୀର ଆଘାତ ଲାଗିଥିଲା । ଉଭୟଙ୍କୁ ଗୁରୁତର ଅବସ୍ଥାରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି ।

## ଦେଭୋଗରେ କଂଗ୍ରେସ କର୍ମୀ ସମାବେଶ

**ବଳରାମପୁର, ୨୩।୩ (ସମିସ) :** ବାଲିଆପାଳ ବ୍ଲକ ଦେଭୋଗ ଗ୍ରାମ ପଞ୍ଚାୟତରେ ଏକ କର୍ମୀ ସମାବେଶ ଦେଭୋଗ ଗ୍ରାମର କେଦାର ମହାନ୍ତି(ବାପି)ଙ୍କ ବାସଭବନରେ କଂଗ୍ରେସର ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ କଂଗ୍ରେସ ସଂଗଠନକ ବୈଠକରେ ବରିଷ୍ଠ କଂଗ୍ରେସ ନେତା ବିଜନ ନାୟକ, ରବି ନାରାୟଣ ମହାନ୍ତି, ବ୍ଲକ ଅଦକ୍ଷା ରଞ୍ଜିତା ନାୟକ, ପୂର୍ବତନ ସରପଞ୍ଚ ନରହରି ଜେନା, ରାମଚନ୍ଦ୍ର ରାଉତ, ମୃତ୍ୟୁଞ୍ଜୟ ମହାନ୍ତି, ତୀର୍ଥ କୁମାର ନାଗ, ସୁବାଷ ନାୟକ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ବରିଷ୍ଠ କଂଗ୍ରେସ ନେତା ରବି ନାରାୟଣ ମହାନ୍ତି ଯୋଗ ଦେଇ ବକ୍ତବ୍ୟରେ ଯୁବ ନେତୃତ୍ୱକୁ କଂଗ୍ରେସର ସାରଥୀ ସାଜିବାକୁ ଆହ୍ୱାନ ଦେଇଥିଲେ ।

### ବାଗୁଡ଼ି-ମଙ୍ଗଳପୁର ରାସ୍ତା ମରଣଯନ୍ତା

# ୩ ବର୍ଷ ହେଲା ରାସ୍ତା ନିର୍ମାଣ ବନ୍ଦ, ଲୋକେ ହନ୍ତସନ୍ତ

**ସୋର, ୨୩।୩(ସମିସ):**



ସୋର ବ୍ଲକ ପୂର୍ତ୍ତ ବିଭାଗ ଅନ୍ତର୍ଗତ ବାଗୁଡ଼ି-ମାଣିପୁର ଭାୟା ମଙ୍ଗଳପୁର ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବା ବେଳେ ଯାତ୍ରୀମାନଙ୍କ ପାଇଁ ମରଣଯନ୍ତା ପାଲଟିଛି । ସୋର-ଗୋପୀନାଥପୁର ରାସ୍ତା ବରଫକଳ ଛକ ନିକଟରୁ ବାଗୁଡ଼ି ଜବାହର ନବୋଦୟ ବିଦ୍ୟାଳୟ ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୮ କୋଟି ଟଙ୍କାର କାର୍ଯ୍ୟ ହୋଇ ନ ପାରି ୩ ବର୍ଷ ହେଲା ବନ୍ଦ ହୋଇପଡ଼ିଛି । ଶେଷରେ ଏହାର ଠିକାଦାରଙ୍କ କାର୍ଯ୍ୟାଦେଶକୁ ବାତିଲ କରାଯାଇଛି । ସେହିପରି ନବୋଦୟ ବିଦ୍ୟାଳୟ ଛକଠାରୁ ମାଣିପୁର ପର୍ଯ୍ୟନ୍ତ ୬ କିଲୋମିଟର ରାସ୍ତା ପାଖାପାଖି ୭ କୋଟି ଟଙ୍କାର କାର୍ଯ୍ୟ ମାଣିପୁରରୁ ମଙ୍ଗଳପୁର ପର୍ଯ୍ୟନ୍ତ ଶେଷ ହୋଇ ଯାଇଥିବାବେଳେ ମଙ୍ଗଳପୁରରୁ ବାଗୁଡ଼ି ପର୍ଯ୍ୟନ୍ତ ରାସ୍ତା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି । ଯାହାଫଳରେ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ବିଶେଷକରି ମଙ୍ଗଳପୁର ହାଇସ୍କୁଲ ଛକ ନିକଟରୁ ଏହି ରାସ୍ତା ଅତ୍ୟନ୍ତ ଖରାପ ହୋଇପଡ଼ିଥିବା ଦେଖାଯାଇଛି । ଏହି ରାସ୍ତା ଉପରେ ସୋର, ଔପଦା ଏବଂ ଖଇରା ବ୍ଲକର ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ଏହି ରାସ୍ତାରେ ଯିବା ଆସିବାବେଳେ ଦୁର୍ଘଟଣାରେ ସମ୍ମୁଖିନ ହେଉଛନ୍ତି । ରାସ୍ତାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ବାରମ୍ବାର ଜିଲ୍ଲାପାଳ, ବିଧାୟକଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ସୁଦ୍ଧା ସ୍ଥାନୀୟ ଲୋକଙ୍କ ଅସହଯୋଗ କାରଣରୁ ଏହା ପୂର୍ଣ୍ଣାଙ୍ଗ ହୋଇପାରୁ ନାହିଁ ବୋଲି ଏହାର ଠିକାଦାର କମଳାକାନ୍ତ ପଣ୍ଡା କହିଛନ୍ତି । ଏ ସମ୍ପର୍କରେ ସେ କହିଛନ୍ତି ଯେ ମାଣିପୁରରୁ ମଙ୍ଗଳପୁର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସୁରୁଖୁରରେ ଶେଷ ହୋଇଯାଇଥିବା ବେଳେ ୮୦୦ ମିଟର ଜଙ୍ଗଲ ଜମି ପାଇଁ ବନ ବିଭାଗର ଅନୁମତି ମିଳିପାରୁ ନାହିଁ । ସେହିପରି ମଙ୍ଗଳପୁର ବଜାର ଉପରେ ସ୍ଥାନୀୟ ସରପଞ୍ଚ ଏବଂ କିଛି ଲୋକ କାମକୁ ବିରୋଧ କରିବାରୁ ଏହା ବନ୍ଦ ହୋଇ ପଡ଼ିଛି, ଏଥି ସହିତ ରାସ୍ତା ଉପରେ ଥିବା କେତୋଟି ଜବରଦଖଲ ଘରକୁ ଏପର୍ଯ୍ୟନ୍ତ ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇପାରୁ ନାହିଁ । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବନିତା ପଣ୍ଡା କହିଛନ୍ତି ଯେ ଠିକାଦାର ମନମୁଖି ଭାବେ କାର୍ଯ୍ୟ କରୁଥିବା ବେଳେ ଡ୍ରେନ୍ କାମ ଆଗ ନ କରି ରାସ୍ତାରେ ପିଚୁ କାମ କରୁଥିବାରୁ ଏହାକୁ ବିରୋଧ କରାଯାଇଥିଲା । ସ୍ଥାନୀୟ ଲୋକମାନେ ଆଗ ଡ୍ରେନ କାମ ପାଇଁ କହିବା ଫଳରେ ଠିକାଦାର ଡ୍ରେନ୍ ନ କରି କାମ ବନ୍ଦ କରି ପଳାଇଛନ୍ତି । ଏହାକୁ ତୁରନ୍ତ ନିର୍ମାଣ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି ।

## ବୋଲଂ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟିତ



**ଲଙ୍ଗଳେଶ୍ୱର, ୨୩।୩ (ସମିସ):** ବାଲିଆପାଳ ବ୍ଲକ ବୋଲଂ ପଞ୍ଚାୟତ ଅନ୍ତର୍ଗତ ବୋଲଂ କ୍ରିକେଟ ପଡ଼ିଆରେ ବୋଲଂ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ବୋଲଂ ପଞ୍ଚାୟତର ଯୁବନେତା କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ତପନ ରାଉତ, ଯୋଗେନ୍ଦ୍ର ମହାପାତ୍ର, ଝାଡେଶ୍ୱର ମଲ୍ଲିକ, ଚିନ୍ତାମଣି ପରିଡ଼ା, ରଜତ ମହାନ୍ତି, ଅଜୟ ମହାନ୍ତି, ବିଦ୍ୟାଧର ସାସମଲ ଯୋଗଦେଇ ମ୍ୟାଚକୁ ଉଦଘାଟନ କରିବା ସହ ଟ୍ରଫି ଉନ୍ମୋଚନ କରିଥିଲେ । ଏହି ପ୍ରିମିୟର ଲିଗ୍ ଆଜିଠୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଆଜିର ଉଦଘାଟନୀ ମ୍ୟାଚ ଜୟଦୁର୍ଗା ସୁପର କିଙ୍ଗ ସହିତ ବଜରଙ୍ଗ ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜୟଦୁର୍ଗା ସୁପର କିଙ୍ଗ ୧୧୭ ରନ ସଂଗ୍ରହ କରି ୪୮ ରନରେ ବିଜୟୀ ହୋଇଥିଲା । ଏହି ମ୍ୟାଚରେ ଅନୱାର ଖାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ମୀନକେତନ ବେହେରା, ସତ୍ୟ ରଞ୍ଜନ ମଲ୍ଲିକ ଖେଳ ପରିଚାଳନା କରିଥିଲେ । ଏହି ପ୍ରିମିୟର ଲିଗ୍‌ରେ ମୋଟ ୫ଟି ଟିମ୍ ଭାଗ ନେଇ ଖେଳିବା ସହ ଆସନ୍ତା ୨୮ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଆଜିର କାର୍ଯ୍ୟକ୍ରମକୁ ସପନ କୁମାର ରାଉତ, ସତ୍ୟଜିତ ମହାପାତ୍ର, ସିଦ୍ଧେଶ୍ୱର ମଲ୍ଲିକ, ଦୁଷ୍ମନ୍ତ ମହାପାତ୍ର, କମଳାକାନ୍ତ ପଟ୍ଟାୟତ, ରାକେଶ ଜେନା, ଶକ୍ତିପଦ ପରିଡ଼ା, ଅଭିଜିତ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ ।

## ନର୍ଥଓଡ଼ିଶା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



**ବସ୍ତା ବ୍ଲକ, ୨୩।୩ (ସମିସ):** ପିଲାମାନଙ୍କ ଭବିଷ୍ୟତ ଗଢିବା ପାଇଁ ମାଆ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶୁକ୍ରବାର ନର୍ଥଓଡ଼ିଶା ପବ୍ଲିକ ସ୍କୁଲ ବସ୍ତାର ବାର୍ଷିକ ଉତ୍ସବରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି । ସ୍କୁଲର ଅଧ୍ୟକ୍ଷ ହରେକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କବି ପ୍ରଶାନ୍ତ ଦାସ, ମୁଖ୍ୟବକ୍ତା ଭାବେ ଶିଳ୍ପୀ କେଶୁ ଦାସ, ସମ୍ମାନିତ ଅତିଥି ଭାବେ ଇ. ସୁଶିଲ କୁମାର ଧଳ, ସ୍କୁଲର ପ୍ରତିଷ୍ଠାତା ପଞ୍ଚାନନ ବେହେରା, ଦିଲ୍ଲିପ କୁମାର ରାଉଳ, ଡ. ଗଣେଶ ନାରାୟଣ ପ୍ରହରାଜ, ଡ. ଶଶାଙ୍କ ଶେଖର ମହାନ୍ତି ଯୋଗ ଦେଇଥିଲେ । ଅଧ୍ୟକ୍ଷ ହରେକୃଷ୍ଣ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ପଞ୍ଚାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ବିଭିନ୍ନ ବିଭାଗରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସଭାପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ମମିତା ପାତ୍ର, ରଜଶ୍ରୀ ଦାସ, ପ୍ରଜ୍ଞା ବିଶ୍ୱାଳ, ଦିବ୍ୟ ମୋହନ ବେହେରା, ସାବିତ୍ରୀ ସୋରେନ, ସସ୍ମିତା ଗିରି, ପ୍ରତିଭା ରାଉତ, ଗୀତାଞ୍ଜଳି ନାୟକ, ସବ୍‌ନମ ଖାତୁନ, ନିର୍ମଳା ଭୋଇ, ମମତା ଘୋଷ, କଳ୍ପନା ବେହେରା, ଜାନକୀ ବଲ୍ଲଭ ବେହେରା, ଜଗତ କୃଷ୍ଣ ସାହୁ ଏବଂ ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥଲେ ।

## ଦକ୍ଷିଣ ଭୋଗରାଇ କୃଷିକ୍ଷେତ୍ର ସୁରକ୍ଷା କୃଷକ ସଂଘର ଦାବିପତ୍ର

**ଚନ୍ଦନେଶ୍ୱର, ୨୩।୩ (ସମିସ):** ଦକ୍ଷିଣ ଭୋଗରାଇ କୃଷିକ୍ଷେତ୍ର ସୁରକ୍ଷା କୃଷକ ସଂଘ ପକ୍ଷରୁ ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରିଙ୍କ ଜରିଆରେ ବାଲେଶ୍ୱର ଜିଲ୍ଲାପାଳ ଆଶିଷ ଠାକରେଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହାଛଡା ଭୋଗରାଇ କୃଷି ସମ୍ପ୍ରସାରଣ ଅଧିକାରୀଙ୍କ ଜରିଆରେ ଜିଲ୍ଲା କୃଷି ଅଧିକାରୀଙ୍କୁ ମଧ ଦାବି ସମ୍ପର୍କରେ ଅବଗତ କରାଯାଇଛି । କାଳବୈଶାଖୀ ଜନିତ ବୃଷ୍ଟିପାତରେ ଘଟିଥିବା କ୍ଷୟକ୍ଷତିର ଆକଳନ ସହିତ କ୍ଷତିପୂରଣ ଓ ଋଣଛାଡ ପାଇଁ ସଂଘ ପକ୍ଷରୁ ଉକ୍ତ ଦାବି କରାଯାଇଛି । ସଂଘର ସୂଚନା ଅନୁଯାୟୀ କାଳବୈଶାଖୀଜନିତ ବୃଷ୍ଟିପାତ ଯୋଗୁଁ ଭୋଗରାଇ ଅଞ୍ଚଳରେ ହଜାର ହଜାର ହେକ୍ଟର ଜମିରେ ରବି ଚାଷ କ୍ଷତିଗ୍ରସ୍ତ ହୋଇଛି । ବିଶେଷକରି ଚିନାବାଦାମ, ତିଳ, ରାଶି, ଡାଲି ଜାତୀୟ ଶସ୍ୟ ମୁଗ, ବିରି, ମଟର ସହିତ ବିଭିନ୍ନ ପନିପରିବା ଚାଷ ମଧ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ଖାଲି ସେତିକି ନୁହେଁ ଧାନ ଓ ପାନ ଚାଷରେ ମଧ ବ୍ୟାପକ କ୍ଷତି ଘଟିଛି । ଚାଷୀମାନେ ଋଣ କରି ଯେଉଁ ଚାଷ କରିଥିଲେ ସେସବୁ ନଷ୍ଟ ହୋଇ ଯିବା ଫଳରେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ତେଣୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରି କୃଷକମାନଙ୍କୁ ସରକାରୀ ସହାୟତା ପ୍ରଦାନ ସହିତ ଆଗାମୀ ଦିନରେ ଚାଷ କାର୍ଯ୍ୟ ପାଇଁ ଉତ୍ସାହିତ କରିବାକୁ ନିବେଦନ କରାଯାଇଛି । ଏ ନେଇ ଗତ ଗୁରୁବାର ଏକ ଜରୁରୀକାଳୀନ ବୈଠକରେ ବ୍ୟାପକ ଆଲୋଚନା ହୋଇଥିଲା । ଏଥିରେ ସଂଘର ସଦସ୍ୟ ତଥା ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ଜେନା, ସଦାଶିବ ସାମଲ, ରବୀନ୍ଦ୍ର ମହାନ୍ତି, ହରେକୃଷ୍ଣ ଦାସ ପ୍ରମୁଖ ସାମିଲ ଥିଲେ ।

## ବାର୍ଷିକ ଉତ୍ସବରେ ରକ୍ତଦାନ ଶିବିର

**ଦହମୁଣ୍ଡା, ୨୩।୩ (ସମିସ):** କମର୍ଦା ଅଞ୍ଚଳରେ ଗଢିଉଠିଥିବା ୟୁନିକ ଏଜୁକେସନ କୋଚିଂ ସେଣ୍ଟର ତରଫରୁ ବାର୍ଷିକ ଉତ୍ସବରେ ଏକ ନିଆରା କାର୍ଯ୍ୟକ୍ରମ ଆପଣେଇଛନ୍ତି ଅନୁଷ୍ଠାନର ମୁଖ୍ୟ ମଳୟକୁମାର ସୁର । ବାର୍ଷିକ ଉତ୍ସବରେ ନାଚ ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଛାଡି ଆଜି ପ୍ରତ୍ୟେକ ମଣିଷ ପାଇଁ ଜରୁରିଥିବା ରକ୍ତର ମହତ ବୁଝି ଏକ ରକ୍ତଦାନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏହି ରକ୍ତଦାନ ଉତ୍ସବରେ ଅନେକ ବରିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିବା ବେଳେ ବହୁ ସାମ୍ବାଦିକ ମାନେ ଯୋଗ ଦେଇଥିଲେ । ମୋଟ ୩୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । କବି ତଥା ଶିକ୍ଷକ ମଳୟ କୁମାର ସୁରଙ୍କ ଏଭଳି କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିଥିଲେ ।



# ଧରଣୀଧରଙ୍କ ଅସ୍ତ୍ରୋପଚାରରେ ଅର୍ଥାଭାବ

### ସହାୟତା ନିବେଦନକଲେ ପତ୍ନୀ

**ଖଇରା, ୨୩।୩ (ସମିସ):**



ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସାରଡାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଅଲିପୁର ଗ୍ରାମର ଧରଣୀଧର ସେଣ୍ଠ(୪୫)ଙ୍କ ପରିବାର ମନ ଏବେ ଭାରାକ୍ରାନ୍ତ । ଦାଦନ ଖଟି ପରିବାର ଚଳାଉଥିବା ଏହି ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଏବେ ଆଇସିୟୁ ଶଯ୍ୟାରେ ମୃତ୍ୟୁ ସହ ଲଢେଇ କରୁଛନ୍ତି । ବ୍ରେନ ଅସ୍ତ୍ରୋପଚାର ପାଇଁ ମୋଟା ଅଙ୍କର ଅର୍ଥ ଆବଶ୍ୟକ ଥିବା ବେଳେ ତୁରନ୍ତ ଅସ୍ତ୍ରୋପଚାର ନ ହେଲେ କିଛି ବି ଘଟିପାରେ ବୋଲି ଡାକ୍ତର କହୁଛନ୍ତି । ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ଏହି ଯୁବକଙ୍କ ଜୀବନ ରକ୍ଷା ପାଇଁ ଶୁଭେଚ୍ଛୁ ବ୍ୟକ୍ତି ଓ ସଂଗଠନ କାଣିଚାଏ ଦୟା କରିବାକୁ ପତ୍ନୀ ମଞ୍ଜୁଲତା କାନି ପାତି ଭିକ୍ଷା ମାଗିଛନ୍ତି ।
ସ୍ତ୍ରୀ ମଞ୍ଜୁଲତା ଓ ଦିବ୍ୟାଙ୍ଗ(ମୁକ) ଝିଅକୁ ନେଇ ଧରଣୀଙ୍କ ସଂସାର । ପରିବାର ପୋଷଣ ପାଇଁ ଧରଣୀ କଲିକତାରେ କାମ କରନ୍ତି । ନିକଟରେ ଘରକୁ ଆସିଥିବା ବେଳେ ୧୯ ତାରିଖ ଦିନ ଜ୍ୱର ଯୋଗୁଁ ମୁଣ୍ଡ ବୁଲାଇ ଦେଇଥିଲା । ଯେଉଁଥିପାଇଁ ତଳେ ପଡ଼ିଯିବା କାରଣରୁ ବ୍ରେନରେ ରକ୍ତ ଜମାଟ ବାନ୍ଧିବା ସହ ଶରୀରର ଡାହାଣ ପଟ ଅଂଶ ମଧ ପକ୍ଷାଘାତରେ ଆକ୍ରାନ୍ତ ହୋଇ ପଡ଼ିଥିଲା । ପଡୋଶୀ ମାନେ ତାଙ୍କୁ ଭଦ୍ରକର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଇଥିଲେ । ଜାତୀୟ କିମ୍ବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରୁ ନାମ କାଟି ଦିଆଯାଇଥିବାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡରୁ ବଞ୍ଚିତ ଥିଲେ । ଏବେ ନବୀନ ବିଏସକେୱାଇ ଆବେଦନ ସମୟରେ କାମ ପାଇଁ ବାହାରେ ରହିଥିବାରୁ ତାହା ମଧ ମିଳିପାରିନାହିଁ । ଏଭଳି ସମୟରେ ସ୍ୱାମୀଙ୍କ ବେଡ୍ ନିକଟରେ ବସି ଲୁହ ଗଡ଼ାଇ ଚାଲିଥିବା ସ୍ତ୍ରୀ ଓ କନ୍ୟା ସାହାଯ୍ୟ ପାଇଁ ଚାତକପରି ଚାହିଁ ରହିଛନ୍ତି । ସୁସ୍ଥ ହେବା ପରେ ସେ ସମସ୍ତଙ୍କ ସାହାଯ୍ୟକୁ ଗୋଟି ଗୋଟି କରି ଫେରସ୍ତ କରିବେ ବୋଲି ମଧ ପ୍ରତିଶ୍ରୁତି ଦେଇଛନ୍ତି । ସାହାଯ୍ୟ କରିବାକୁ ଚାହୁଁଥିବା ବ୍ୟକ୍ତି ମାନେ ଫୋନ ପେ ଏବଂ ଗୁଗୁଲ ପେ ଥିବା ମୋବାଇଲ ନମ୍ବର ୮୪୫୫୦୬୨୬୯୪ରେ ସହଯୋଗ ରାଶି ପଠାଇବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବାଲିଆପାଳ, ୨୩।୩(ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ କଡୁଆପଡ଼ା ସ୍ଥିତ ଗୁରୁକୁଳ ଭବନରେ ଆଜି ଅବସର ଗ୍ରହଣ କରିଥିବା ଆଦର୍ଶ ଶିକ୍ଷକ ତଥା ଶିକ୍ଷକ ନେତା ଆଦିତ୍ୟ କୁମାର ରାଉତଙ୍କୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଭାତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା, ମୁଖ୍ୟବକ୍ତା ଭାବରେ ଶିକ୍ଷକ ସମନ୍ୱୟ ସମିତି ସଭାପତି ମନ୍ମଥ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ବିଶ୍ୱମ୍ଭର ପାତ୍ର, ପୂର୍ଣ୍ଣେନ୍ଦୁ ଦାସ, ନିତାଇ ଚରଣ ରାଉଳ, ସୁଶାନ୍ତ କୁମାର ଗିରି, ଧନଞ୍ଜୟ ଚରଣ ଦେ, ପ୍ୟାରୀମୋହନ ବିଶ୍ୱାଳ, ମାୟାଧର ପରିଡ଼ା, ରଞ୍ଜନ କୁମାର ପଣ୍ଡା, ଅମରେନ୍ଦ୍ର ସାମନ୍ତରାୟ, ସନ୍ତୋଷ କୁମାର ଜେନା, ବ୍ୟୋମକେଶ ସାହୁ, ଶିବଶଙ୍କର ମଜୁମୁଦାର, ଦେବେନ୍ଦ୍ର ନାଥ ଗିରି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦାୟୀ ଶିକ୍ଷକ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀ ରାଉତ ଲଙ୍ଗଳେଶ୍ୱରସ୍ଥିତ ଏସକେ ଏଣ୍ଡ ଜେଏମ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୩୪ ବର୍ଷ ଶିକ୍ଷକତା କରି ଅବସର ଗ୍ରହଣ କରିଛନ୍ତି । ସେ ଜଣେ ସିଆରସିସି ତଥା ବାଲିଆପାଳ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ତଥା ଜିଲ୍ଲା ସଂଘର ସଂଗଠନ ସମ୍ପାଦକ ଭାବେ କାର୍ଯ୍ୟକରି ଶିକ୍ଷକ ସମାଜରେ ବେଶ ଆଦୃତ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନିତ୍ୟାନନ୍ଦ ମହାପାତ୍ର, ବଂଶୀଧର ନାୟକ, ପଙ୍କଜ ସାହୁ, ଅରବିନ୍ଦ ସାମଲ, ସୃଷ୍ଟିଧର କୁହ୍ଲାରୀ, ମିନତୀ ପଟ୍ଟାୟତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



# 'ପାଣିପାଗ ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି ପ୍ରଦୂଷଣ

## ୧୦ ବର୍ଷ ହେବ ପାଣିପାଗରେ ରହୁନି ତାଳମେଳ

## ଅସନ୍ତୁଳିତ ପାଣିପାଗ ପାଇଁ ଜନଜୀବନ ପ୍ରଭାବିତ

ବାଲେଶ୍ୱର, ୨୩।୩ (ସମିସ):

ଅତ୍ୟଧିକ ପ୍ରଦୂଷଣ ବୃଦ୍ଧି ପାଇଁ ପାଣିପାଗ ପରିବର୍ତ୍ତନ ହେଉଛି। ଖାଲି ସେତିକି ନୁହେଁ ବରଂ କଂକ୍ରିଟ ଘର, ଜଙ୍ଗଲ କାଟି ସୁଉଚ୍ଚ ଅଟ୍ଟାଳିକା ଏବଂ ଗଛ କାଟି ରାସ୍ତା ନିର୍ମାଣ ଆଦି ଜଳବାୟୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାର ଗୋଟିଏ ଗୋଟିଏ ଉତ୍ସ। ସେଥିପାଇଁ ଶୀତର ସମୟ ଘୁଞ୍ଚିଯାଉଛି। ଖରା ସମୟ ବି ଏପଟ ସେପଟ ହେଉଛି। ଅଦିନିଆ ବର୍ଷା ହେଉଛି। ଯେଉଁ ସମୟରେ ବର୍ଷା ଅଧିକ ହେବା କଥା ସେହି ସମରେ କମ୍ ହେଉଛି। ଯେତେବେଳେ ବର୍ଷାର ଆବଶ୍ୟକ ନାହିଁ ସେତେବେଳେ ଅଧିକ ବର୍ଷା ହୋଇଯାଉଛି। ଫଳରେ ଫସଲ ନଷ୍ଟ ହେଉଛି। କେଉଁଠି ବ୍ରିଜ୍ କିମ୍ବା ବିଲଡିଂ କାମରେ ବି ଏହା ପ୍ରଭାବିତ ହେଉଛି। ତେଣୁ ପାଣିପାଗ ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି ପ୍ରଦୂଷଣ। ଗତ ୧୦ ବର୍ଷ ହେବ ଏହିପରି ପାଣିପାଗରେ ରହୁନି ତାଳମେଳ। ଅସନ୍ତୁଳିତ ପାଣିପାଗ ପାଇଁ ଜନଜୀବନ ପ୍ରଭାବିତ ବୋଲି ବାଲେଶ୍ୱର ପାଣିପାଗ କେନ୍ଦ୍ର ମୁଖ୍ୟ ମଦନ ମୋହନ ଦାସ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଆଗରୁ ଘଡଘଡି କିମ୍ବା ବିଜୁଳି ଏତେ ମାତ୍ରାରେ ହେଉନଥିଲା। ପୂର୍ବ ଅପେକ୍ଷା ଏବେ ଅଧିକ ଘଡଘଡି ଓ ବଜ୍ରପାତ ହେଉଛି।

ସହରର ସୁନହଟସ୍ଥିତ ଥିବା ପାଣିପାଗ କେନ୍ଦ୍ରରେ ପାଣିପାଗ ରେକର୍ଡ ପାଇଁ ଥର୍ମୋମିଟରସ୍ (ମେକ୍ସିମମ୍, ମିନିମମ୍, ଡ୍ରାଏ ବଲବ୍ ଏବଂ ୱେଟ୍ ବଲବ୍ ଓ ଥର୍ମୋଗ୍ରାଫ୍ ଟେମ୍ପରେଚର୍) ଏବଂ ଥର୍ମୋଗ୍ରାଫ୍ (ଅଟୋଗ୍ରାଫିକ) ରହିଛି। ଯାହା ପ୍ରତିଦିନ ତାପମାତ୍ରା ରେକର୍ଡ କରୁଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଗତବର୍ଷ ମାର୍ଚ୍ଚ ମାସ ୪ ତାରିଖ ବେଳକୁ ୩୭.୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିଲା। ପରେ ୧୫ ତାରିଖ ବେଳକୁ ବର୍ଷା ହେବା ପରେ ତାପମାତ୍ରା ଖସିଥିଲା ୨୫.୮ ଡିଗ୍ରୀକୁ। ତାହାପରେ ପୁଣି ତାପମାତ୍ରା ବୃଦ୍ଧି ପାଇଥିଲା। ଚଳିତବର୍ଷ ମାର୍ଚ୍ଚ ମାସ ୧୨ ତାରିଖ ୩୫.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଗତକାଲି ଅର୍ଥାତ୍ ଶୁକ୍ରବାର ଦିନ ୩୦.୩ ଏବଂ ଆଜି ଦ୍ୱିପ୍ରହର ସୁଦ୍ଧା ୩୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଗତବର୍ଷଠୁ ଅପେକ୍ଷାକୃତ କମ୍ ତାପମାତ୍ରା ରହିଛି ଏବର୍ଷ ଏହି ସମୟରେ। ପାଶ୍ଚାତ୍ୟ ଅସନ୍ତୁଳନ ପ୍ରଭାବରେ ଦୁଇ ଦିନ ଧରି ହୋଇଥିବା ବର୍ଷା ପାଇଁ ଗରମ ବା ତାପମାତ୍ରା ଟିକେ କମ୍ ରହିଲା। ଏହାବ୍ୟତୀତ ଗରମ ଦିନରେ ବର୍ଷା ପାଇଁ ସକାଳୁ କୁହୁଡି ହେଉଛି। କିନ୍ତୁ ଆଉ କୁହୁଡି ହେବ ନାହିଁ। ଏବେ ଆଉ କୁହୁଡି ହେବ ନାହିଁ। ଏପ୍ରିଲ ପରେ ପରେ କାଳବୈଶାଖୀ ବର୍ଷା କମିବ ଏବଂ ମେ ୨୦ ପରେ ଗୁଳୁଗୁଳି ଆରମ୍ଭ ହୋଇ ମୌସୁମୀ ଆସିବା ପର୍ଯ୍ୟନ୍ତ ରହିବ।

ଶନିବାର ଥିଲା ବିଶ୍ୱ ପାଣିପାଗ ଦିବସ। ପ୍ରତିବର୍ଷ ୨୩ ମାର୍ଚ୍ଚକୁ ପାଣିପାଗ ବିଭାଗ ସୃଷ୍ଟି ସ୍ମୃତିରେ ପାଣିପାଗ ସଂଗଠନ ପ୍ରତିଷ୍ଠା କରାଯାଇଥିଲା। ଏହି ସଂଗଠନ ପ୍ରତିବର୍ଷ ବିଶ୍ୱ ପାଣିପାଗ ଦିବସ ପାଇଁ ଏକ ସ୍ଲୋଗାନ ଦେଇଥାଏ ଏବଂ ସାରା ଦେଶରେ ପାଳନ କରାଯାଇଥାଏ। ଲୋକଙ୍କୁ ପାଣିପାଗ ଏବଂ ଏଥିରେ ହେଉଥିବା ପରିବର୍ତ୍ତନ ବାବଦରେ ଅବଗତ କରାଇବା ହେଉଛି ଏହି ଦିବସର ମୂଳଲକ୍ଷ୍ୟ। ଚଳିତବର୍ଷ 'ଏଟ୍ ଦ ଫ୍ରଣ୍ଟଲାଇନ୍ ଅଫ୍ କ୍ଲାଇମେଟ୍ ଏକ୍ସନ୍' ଥିମ୍ ରେ ଦିବସକୁ ସବୁଠି ପାଳନ କରାଯାଇଛି।

# ଚବିଶ ପ୍ରହର ନାମଯଜ୍ଞ, ଜ୍ଞାନଯଜ୍ଞ ଓ ଅନ୍ନଯଜ୍ଞ



ବାଲେଶ୍ୱର, ୨୩।୩ (ସମିସ): ରେମୁଣା ବ୍ଲକ ପତ୍ରିପାଳ ପଞ୍ଚାୟତର ବଳିପାଳ ଛକଠାରେ ଶ୍ରୀ ଶ୍ରୀ ଚବିଶ ପ୍ରହର ନାମଯଜ୍ଞ ସମିତି ପକ୍ଷରୁ ଚବିଶ ପ୍ରହର ନାମଯଜ୍ଞ, ଜ୍ଞାନଯଜ୍ଞ ଓ ଅନ୍ନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନ ଘଟ ଉତ୍ତୋଳନ ଓ ଅଧିବାସ ଅନୁଷ୍ଠିତ ହୋଇଥିଲା। ପରେ ମଙ୍ଗଳବାର ଦିନ ଜ୍ଞାନ ଯଜ୍ଞ ଆରମ୍ଭ ହୋଇ ଶୁକ୍ରବାର ଦିନ ପର୍ଯ୍ୟନ୍ତ ଚାଲିଥିଲା। ଶୁକ୍ରବାର ଦଧି ବିସର୍ଜନ ହେବା ପରେ ମଧ୍ୟାହ୍ନରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଏହାବ୍ୟତୀତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ପ୍ରତିଷ୍ଠିତ ପ୍ରବଚକ ପଣ୍ଡିତ ସୂର୍ଯ୍ୟକାନ୍ତ ରଥ ଶର୍ମାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ରବିବାର ଦିନ ପର୍ଯ୍ୟନ୍ତ ହେବ। ୨୦୦୯ ରେ ଏହି ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ ଚଳିତଥର ଏହା ୧୫ ବର୍ଷରେ ପଦାର୍ପଣ କରିଛି।

# ଉତ୍କଳ ଯାଦବ ମହାସଭାର ବୈଠକ



ବାଲେଶ୍ୱର, ୨୩।୩(ସମିସ): ଶନିବାର ପୂର୍ବାହ୍ନରେ ଉତ୍କଳ ଯାଦବ ମହାସଭା, ବାଲେଶ୍ୱର ଜିଲ୍ଲା ତରଫରୁ ଜିଲ୍ଲା ସାଧାରଣ ସମ୍ପାଦକ ସୁଶୋଭାନ ବାରିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜସେବୀ ଯାଦବ ନାରୀନେତ୍ରୀ ସୂର୍ଯ୍ୟ ତନୟା ଦାସଙ୍କୁ ନୂତନ ଭାବେ ଉତ୍କଳ ଯାଦବ ମହାସଭା ବାଲେଶ୍ୱର ଜିଲ୍ଲାର ମହିଳା କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଛି। ଆଗାମୀ ଦିନରେ ଗାଁ ଗହଳିରେ ଅବସ୍ଥାପିତ କରୁଥିବା ବାଲେଶ୍ୱର ଜିଲ୍ଲାର ସମସ୍ତ ଯାଦବ ମହିଳା ମାନେ କେମିତି ସ୍ୱାବଲମ୍ବୀ ହେବା ସହିତ ସ୍ୱାସ୍ଥ୍ୟ, ସାମାଜିକ, ଆର୍ଥିକ, ପାରିବାରିକ କ୍ଷେତ୍ରରେ ଉନ୍ନତି ହୋଇପାରିବେ ସେଥିପାଇଁ ଚେଷ୍ଟା କରିବେ ବୋଲି ନୂତନ ଭାବେ ମନୋନୀତ ହୋଇଥିବା ଦାସ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପଦେଷ୍ଟା ମନୋଜ କୁମାର୍ ଦାସ, ସଭାପତି କାର୍ତ୍ତିକ ବେହେରା, ସାଧାରଣ ସମ୍ପାଦକ ସୁଶୋଭାନ ବାରିକ୍, କୋଷାଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ଦାସ, ସଂଗଠିକ ସମ୍ପାଦକ ଶୀତଲ ପ୍ରସାଦ ଯାଦବ, ମିଡ଼ିଆ ସଂଯୋଜକ ସୁଦର୍ଶନ ଦାସ, ଯୁବ କାର୍ଯ୍ୟକାରୀ ସଭାପତି ଶଶିକାନ୍ତ ବାରିକ୍ ଉପାସିତ ଥିଲେ। ସର୍ବଶେଷରେ ଉପଦେଷ୍ଟା କୈଳାସ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ କାର୍ଯ୍ୟାଳୟରେ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ




ବାଲେଶ୍ୱର, ୨୩।୩(ସମିସ): କିଛି ଦିନ ତଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସ ଗ୍ୟାରେଣ୍ଟି କାର୍ଡ ଜାରି କରିଥିବା ବେଳେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସ୍ତରରେ ଏହି ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ ହୋଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ସଞ୍ଜୀବ ଗିରି ସୂଚନା ଦେଇଛନ୍ତି ଯେ, କଂଗ୍ରେସ ଦଳ ନିର୍ବାଚନ ପୂର୍ବରୁ ଦେଶବାସୀ ଙ୍କୁ ନିର୍ବାଚନୀ ଇସ୍ତାହାର ରେ ଯାହା ସବୁ ଅତୀତରେ ପ୍ରତିଶ୍ରୁତି ଦେଇଥିଲା ତାହା ପାଳନ କରିଛି। କଂଗ୍ରେସ ଦଳର ଗ୍ୟାରେଣ୍ଟି କାର୍ଡ ସମ୍ପର୍କ ରେ ସୂଚନା ଦେଇ ଶ୍ରୀ ଗିରି କହିଥିଲେ ଯେ, ଗୃହ ଜ୍ୟୋତି ଯୋଜନା ରେ ଘରୋଇ ଉପଭୋକ୍ତାଙ୍କ ଲାଗି ଦୁଇ ଶହ ୟୁନିଟ ବିଦ୍ୟୁତ ଦେୟ ଛାଡ଼, ଯୁବ ବିକାଶ ଯୋଜନାରେ ପ୍ରତି ବର୍ଷ ପାଞ୍ଚ ଲକ୍ଷ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା, ମାସିକ ତିନି ହଜାର ଟଙ୍କା ବେକାରୀ ଭତ୍ତା, କୃଷକମାନେ ଦେଶର ମେରୁଦଣ୍ଡ ଏଣୁ ସେମାନଙ୍କ ପାଇଁ ବୋନସ ସହ ଧାନର ମୂଲ୍ୟ କ୍ୟୁଣ୍ଟାଲ ପିଛା ତିନିହଜାର, କୃଷି ଋଣ ଛାଡ଼ ଓ ଆଦି ବହୁ ଗ୍ୟାରେଣ୍ଟି ଜାତୀୟ କଂଗ୍ରେସ ପକ୍ଷରୁ ଲୋକମାନଙ୍କୁ ଦିଆଯାଉଛି ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଗଣମାଧ୍ୟମ ଓ ଯୋଗା ଯୋଗ ବିଭାଗର ଜିଲ୍ଲା ଅଧ୍ୟକ୍ଷ ବିକାଶ କୁମାର ଦାସ, ଦେବୀ ପ୍ରସନ୍ନ ଚାନ୍ଦ, ଚିତ୍ତ ରଞ୍ଜନ ଷଡଙ୍ଗୀ, ଜିଲ୍ଲା କଂଗ୍ରେସର ଉପସଭାପତି ଗୋପୀନାଥ ପାଢ଼ୀ, ସୁଦର୍ଶନ ଜେନା, ରାଜ୍ୟ ଉପାଧ୍ୟକ୍ଷା କେକେସି ଜ୍ୟୋତ୍ସ୍ନା ସେନାପତି, ଜିଲ୍ଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞା ପରମିତା ମୋହାନ୍ତି, ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ନବ ପ୍ରସାଦ ଭୂୟାଁ, ପ୍ରକାଶ ମଲ୍ଲିକ, ସୁଧାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା ସହ ବୃକ୍ଷରୋପଣ ଉପରେ ସଚେତନତା

ବାଲେଶ୍ୱର, ୨୩।୩(ସମିସ): ସାମାଜିକ ସଂଗଠନ ମୁନ କମ୍ୟୁନିକେସନ ପକ୍ଷରୁ ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଚାନ୍ଦିପୁର ବନାଞ୍ଚଳ ଅନ୍ତର୍ଗତ ପାଞ୍ଚ ହଜାରରୁ ଦଶ ହଜାର ସଂରକ୍ଷିତ ଜଙ୍ଗଲ ଗାଁରେ ଜଙ୍ଗଲ ସୁରକ୍ଷା ସହ ବ୍ୟାପକ ବୃକ୍ଷରୋପଣ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ମୁରଲୀ ଧର ମହାନ୍ତି, ଜିତେନ୍ଦ୍ର ଦାସ, ଜଳଧର ବେହେରା, କରୁଣାକର ଜେନା ଯୋଗଦେଇ ଜୈବ ବିବିଧତା ବଜାୟ ରଖିବାକୁ ହେଲେ ବୃକ୍ଷ ସମ୍ପଦ ସହ ବନ୍ୟଜନ୍ତୁ ସୁରକ୍ଷା କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସାମିଲ ହେବାକୁ ନିବେଦନ କରିଥିଲେ। ପର୍ଯ୍ୟାୟକ୍ରମେ ଉକ୍ତ କାର୍ଯ୍ୟକ୍ରମ ବଙ୍ଗୋପସାଗର କୂଳରେ ଥିବା ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମରେ କରାଯିବ ଓ ସାଧାରଣ ଲୋକଙ୍କୁ ଏଥିରେ ସାମିଲ କରାଯିବ।




# ଗଣେଶ ପ୍ରସାଦ ମହାପାତ୍ର ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ମନୋନୀତ



ବାଲେଶ୍ୱର, ୨୩।୩ (ସମିସ): ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଭାବେ ଦୁଇ ଜଣ ନିର୍ଦ୍ଦେଶକ ମନୋନୀତ ହୋଇଛନ୍ତି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଓ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଏହି ପଦବୀ ପାଇଁ ମନୋନୀତ ହୋଇଛନ୍ତି। ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ରଙ୍କୁ ବିଭିନ୍ନ ସଂଗଠନ, ବାଲେଶ୍ୱର ଭଦ୍ରକର ସମବାୟବିତ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟର ସମସ୍ତ କର୍ମଚାରୀ ମାନେ ଶୁଭେଚ୍ଛା ଜଣେଇଛନ୍ତି। ବ୍ୟାଙ୍କର ସଭାପତି ଶ୍ରୀ ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ପ୍ରକାଶ ରାଓ ଦୋରାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର କର୍ମଚାରୀ ଓ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ସମସ୍ତ ସମବାୟବିତ୍‌ଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଥିବା ମୌଳିକ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସମବାୟ ବ୍ୟାଙ୍କରେ ଦାବି ଉପସ୍ଥାପନ କରି ସମାଧାନ କରିବା ସହ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କକୁ ଓଡ଼ିଶାର ଏକ ନମ୍ବର ବ୍ୟାଙ୍କ କରିବା ପାଇଁ ସେ କହିଥିଲେ।

# ଔଷଧୀୟ ବୃକ୍ଷରୋପଣ ଓ ପ୍ରଜାପତି ଉଦ୍ୟାନ ପ୍ରସ୍ତୁତ



ବାଲେଶ୍ୱର, ୨୩।୩(ସମିସ): କେକେଏସ ମହିଳା କଲେଜ, ଇକୋ କ୍ଲବ, ସେଣ୍ଟର ଫର୍ ଏନଭାରମେଣ୍ଟାଲ ଷ୍ଟଡିଜ୍, ବିକାଶ ସାଥୀ ଏବଂ ୟୁନିସେଫ୍ ଆନୁକୂଲ୍ୟରେ କଲେଜ କ୍ୟାମ୍ପସରେ ଔଷଧୀୟ ବୃକ୍ଷରୋପଣ ଏବଂ ପ୍ରଜାପତି ଉଦ୍ୟାନ ପ୍ରସ୍ତୁତ କରାଯାଇଛି। ଏହାର ମୂଳ ଲକ୍ଷ୍ୟ ହେଉଛି, ଏକ୍ସ ସିଟୁ ପ୍ରଣାଳୀ ମାଧ୍ୟମରେ କରାଯାଇଛି, ଯାହା ଦ୍ୱାରା ଦିନକୁ ଦିନ ଔଷଧୀୟ ଗଛମାନଙ୍କ ସଂଖ୍ୟାକୁ ବୃଦ୍ଧି କରିବା ସହ ଏହି ଉଦ୍ଭିଦ ଯଦି ବିପୁଳ ସଂଖ୍ୟାରେ ହେଉଛି ତେବେ ଏହାକୁ ଜଙ୍ଗଲକୁ ସ୍ଥାନାନ୍ତରିତ କରାଯାଇ ଚାହିଦା ପୂରଣ କରାଯାଇପାରିବ। ଏହି ଉଦ୍ଭିଦ ଗୁଡ଼ିକ ବିଭିନ୍ନ ରୋଗ ଉପଶମ କରିବା ସହ ଛାତ୍ରୀମାନଙ୍କ ବାଡି ବଗିଚା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଘର ବୈଦ ପରି ନିଜ ପରିବାର ତଥା ପଡ଼ିଶାରେ ଆୟୁର୍ବେଦ ଔଷଧର ପ୍ରଚାର ପ୍ରସାର କ୍ଷେତ୍ରରେ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ। ଏହା ସହ ପ୍ରଜାପତିମାନେ ଜୈବ ବିବିଧତା ପାଇଁ ସୁଚାରୁ ରୂପେ ପ୍ରତ୍ୟକ୍ଷ ରୂପେ କାର୍ଯ୍ୟ କରିଥାନ୍ତି ଏବଂ ମହାବିଦ୍ୟାଳୟର ଶୋଭା ବର୍ଦ୍ଧନ କରିବା ସହ ପ୍ରାଣୀ ତଥା ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ରୀମାନଙ୍କ ପାଇଁ ଗବେଷଣାର କେନ୍ଦ୍ର ବିନ୍ଦୁ ପାଲଟିବ। ଏହି ପରିପ୍ରେକ୍ଷୀରେ ଦୁର୍ଲଭ ଜଡ଼ିବୁଟି ଯଥା ଗୁଡ଼ମାରି, ଶତାବରୀ, ଅଶ୍ୱଗନ୍ଧା, ଲବଙ୍ଗ, ବେଲ, ହରିଡ଼ା, ବାହାଡ଼ା, ଅଁଳା, ଯଷ୍ଟି, ଚିରିତା, ପିପ୍ଳି ଆଦି ୫୦ ପ୍ରଜାତିର ଲତା, ଗୁଳ୍ମ, ବୃକ୍ଷ ଜାତୀୟ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେକେଏସ କଲେଜ ଅଧ୍ୟକ୍ଷା ଡ. ସୁବ୍ରତା ଦେବାଙ୍ଗନା ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଡଃ. ଝାନ୍ସି ଜେନା, ଡ. ଜ୍ୟୋତିର୍ମୟୀ ପ୍ରଧାନ, ସଞ୍ଜୟ କୁମାର ସ ଏବଂ ବିକାଶ ସାଥୀର ସମ୍ପାଦକ ଡ. ବିଶ୍ୱଜିତ ପଣ୍ଡା, ତୁଷାର ବେହେରା, ଅରବିନ୍ଦ ସିଂହ, ସାଇ ପ୍ରିୟ ନାୟକ, ସ୍ୱାଗତ କର, ସମ୍ବିତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଫକୀରମୋହନ ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର, ୨୩।୩(ସମିସ): ଫକୀରମୋହନ ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା ଆଧାରିତ ବିଭିନ୍ନ ପ୍ରତିଯୋଗିତା ହେବା ସହ ସଚେତନତା ରାଲି ଯୁବ ରେଡ୍‌କ୍ରସ ପକ୍ଷରୁ ଆୟୋଜିତ ହୋଇଯାଇଛି। ରେଡ୍ ରିବନ କ୍ଲବ୍ ଉଦ୍‌ଘାଟିତ ହେବା ସହ ସଭା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଏଡ଼ସ ବିଷୟରେ ସଚେତନ କରାଯାଇଛି। ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ଉପସ୍ଥିତ ରହି ସଚେତନତା ରାଲିର ଉଦ୍‌ଘାଟନ କରିଥିଲେ। ଯୁବ ରେଡ୍‌କ୍ରସ୍‌ର ମୁଖ୍ୟ ଡ. ଅଞ୍ଜନା ବେହେରା ଛାତ୍ରଛାତ୍ରୀମାନଙ୍କୁ ସଚେତନ ହେବା ସହ ରେଡ୍ କ୍ରଡ ସ୍ୱେଚ୍ଛାସେବୀ ଆଗାମୀ ଦିନରେ ସମାଜକୁ କିଭଳି ସଚେତନ କରାଇବେ ସେ ବିଷୟରେ ମତ ରଖିଥିଲେ। ଇତିହାସ ବିଭାଗ ଅଧ୍ୟାପକ ସୁଜିତ୍ କୁମାର ଦାସ ଏଡ଼ସ ଉତ୍ପତ୍ତିର ଐତିହାସିକ ବିଷୟ କହିବା




ସହ ଏହାର ନିରାକରଣ ପାଇଁ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଜୀବ ବିଜ୍ଞାନର ଅଧ୍ୟାପକ ବିନୀତ କୁମାର ପାଢ଼ୀ ଓ ଅଧ୍ୟାପିକା ଅନୁପମା ବେହେରା ଏଡ଼ସର ବୈଜ୍ଞାନିକ କାରଣ ଓ ନିରାକରଣ ବିଷୟରେ ତଥ୍ୟ ରଖିଥିଲେ। ରେଡ୍ କ୍ରସର କାଉନ୍ ସେଲର ପ୍ରଦୀପ କୁମାର ଗଂଗେଇ ଓ ରାଜେଶ୍ କୁମାର ଦେ ଆଗାମୀ ଦିନରେ ରେଡକ୍ରସ୍ ଏଡ଼ସ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବ ବୋଲି ମତପୋଷଣ କରିଥିଲେ। ଯୁବ ସଚେତନତା ଓ ଏଡ଼ସ ବିଷୟ ଆଧାରିତ ବକ୍ତୃତା, ରଚନା ଲିଖନ, କୁଇଜ୍ ଭଳି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଏବଂ ବିଜେତା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ପିତାମ୍ବର ବେହେରା, ଅଧ୍ୟାପିକା ବନିତା ମାଝୀ, ମିତାଲି ରାଉତରାୟ ପ୍ରମୁଖ ଏହି ପ୍ରତିଯୋଗିତାକୁ ସୁଚାରରୂପେ କରାଇଥିଲେ। ପୁରସ୍କାର ବିତରଣ ସମୟରେ ମହାବିଦ୍ୟାଳୟ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବକ୍ତୃତାରେ ଆଶୁତୋଷ ପତି, କୁଇଜ୍‌ରେ ସ୍ୱାତୀ ସଞ୍ଜନା ସାମଲ ଓ ରଚନା ଲିଖନ ରେ ରଶ୍ମୀରେଖା ମହାରଣା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶେଷରେ ଏହି କାର୍ଯ୍ୟକ୍ରମରେ ସଂଯୋଜକ ଲକ୍ଷ୍ମୀନାରାୟଣ ନାୟକ ଧନ୍ୟବାଦ ପ୍ରଦାନ ପୂର୍ବକ ଆଗାମୀ ଦିନରେ ଫକୀରମୋହନ ମହାବିଦ୍ୟାଳୟର ଯୁବ ରେଡ୍ କ୍ରସ୍ ୟୁନିଟ୍ ଓ ରେଡ୍ ରିବନ୍ କ୍ଲବ୍ ତରଫରୁ ଏଡ଼ସ ର ସଚେତନତାକୁ ସମାଜର ବୃହତ୍ତର ସ୍ୱାର୍ଥ ପାଇଁ ବ୍ୟାପକ କରାଯିବ ବୋଲି ମତ ରଖିଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର ଉଦ୍‌ଯାପିତ

ବାଲେଶ୍ୱର, ୨୩।୩ (ସମିସ):



ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟର ମିଳିତ ଆନୁକୂଲ୍ୟରେ ବାଲେଶ୍ୱରସ୍ଥିତ ପଦ୍ମାବତୀ ୱାଟର ପାର୍କ ପରିସରରେ ଆୟୋଜିତ ଜାତୀୟ ସଂହତି ଶିବିରର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ସମେତ ଭାରତର ୨୦ଟି ରାଜ୍ୟରୁ ୨୩୬ ଜଣ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଓ ୩୨ ଜଣ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ। ଏହି ଶିବିରରେ ସାତ ଦିନ ମଧ୍ୟରେ ବିଭିନ୍ନ ଶିକ୍ଷଣୀୟ ବିଷୟବସ୍ତୁ ଉପରେ ଆଲୋଚନା ହେବା ସହ ନୃତ୍ୟ, ସଙ୍ଗୀତ, ତର୍କ, ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱରର ଚାନ୍ଦିପୁରସ୍ଥିତ ଡ଼ି.ଆର. ଡି.ଓ, ଇମାମି ଜଗନ୍ନାଥ ମନ୍ଦିର ସମେତ ଫକୀର ମୋହନ ବିଶ୍ୱବିଦ୍ୟାଳୟର ୬ଟି ସଂଗ୍ରହାଳୟ ପ୍ରଭୃତି ସ୍ଥାନକୁ ସ୍ୱେଚ୍ଛାସେବୀମାନେ ଭ୍ରମଣରେ ଯାଇ ବାସ୍ତବ ଜ୍ଞାନ ସଂଗ୍ରହ କରିଥିଲେ। ଉକ୍ତ ଶିବିରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଏନ୍.ଏସ୍.ଏସ. ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ଯୁବ ଅଧିକାରୀ ଅଜିତ କୁମାର ଖୁସୁଓ୍ୱା, କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ପ୍ରଫେସର ବିଷ୍ଣୁ ପ୍ରସାଦ ଦାସ, ଡି. ଆର. ଡି. ଓ. ର ଯୁଗ୍ମ ନିର୍ଦ୍ଦେଶକ ଡ. ନିଳାଦ୍ରୀ ରାୟ, ଡ. ସ୍ମୃତିରଞ୍ଜନ ଦାସ, ଡ. ଜଗବନ୍ଧୁ ମିଶ୍ର, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଭଦ୍ରକ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ କମଳା କାନ୍ତ ଓଝାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ଉଦଯାପନୀ ଉତ୍ସବରେ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ୍, ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲାର ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଜଗବନ୍ଧୁ ମିଶ୍ର, ପଦ୍ମାବତୀ ୱାଟର ପାର୍କର ପରିଚାଳନା ନିର୍ଦ୍ଦେଶକ ମୌସମ ସିଂହ, କବି ଅଳକାରାଣୀ ସିଂହ ଓ ଯୁବ ଅଧିକାରୀ ଅଜିତ କୁମାର ଖୁସୱା ପ୍ରମୁଖ ଯୋଗଦେଇ ଜାତୀୟ ସେବା ଯୋଜନା ଜାତୀୟ ସଂହତି ସୃଷ୍ଟି କରିବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ମାର୍ଗଦର୍ଶନ କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ପ୍ରତାପ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିମାନେ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରମାଣ ପତ୍ର ସହିତ ଟ୍ରଫି ପ୍ରଦାନ କରିବା ସହିତ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ଉତ୍ତରୀୟ ଏବଂ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରତିମା ପ୍ରଧାନ, ଡ. ଜଗନ୍ନାଥ ବେହେରା, ଶ୍ରୀହରିଶଙ୍କର ପାଣିଗ୍ରାହୀ, ଡ଼ଃ ଅନାମ ଚରଣ ରାଉଳ, ଡ଼ଃ ଲେଖାରାଣୀ ଦାସ, ରସାନନ୍ଦ ବାଗ, ମାନସ କୁମାର ପଣ୍ଡା, ଜେମାମଣି ସାହୁ, ଫାର୍ମାସୀ ଅଫିସର ଅଶ୍ରୁମୋଚନ ବାରିକ, ନିଖିଳ ପାଣିଗ୍ରାହୀ, ଅଫିସ ସହାୟକ ପ୍ରଦୀପ କୁମାର ମୁଦୁଲି, ତାପସ କୁମାର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ମହାଆଡମ୍ବରରେ ପାଳନ ହେଲା ପାଞ୍ଚପିଢ଼ ଦୋଳମେଳଣ

# ମେଳଣ ପଡ଼ିଆରେ ଭକ୍ତ-ଭଗବାନଙ୍କ ମହାମିଳନ

**କରଞ୍ଜିଆ, ୨୩।୩(ସମିସ)**

ମହାଆଡମ୍ବରରେ ପାଳିତ ହେଲା କରଞ୍ଜିଆର ଐତିହାସିକ ଦୋଳ ମେଳଣ। ଏହି ମେଳଣ ଦୀର୍ଘ ୧୧୮ ବର୍ଷ ହେଲା ପାଳନ ହୋଇଆସୁଛି। ଚଳିତବର୍ଷ ଦୋଳ ମେଳଣ କମିଟି ସଭାପତି ତଥା ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ପରମ୍ପରା ଅନୁଯାଇ ପ୍ରଥମେ କରଞ୍ଜିଆର ଶ୍ରୀଶ୍ରୀ ଶ୍ୟାମରାଇ ମଠରେ ପହଞ୍ଚି ଶ୍ରୀଜୀଉମାନଙ୍କୁ ନିମନ୍ତ୍ରଣ କରିଥିଲେ। ପରେ ଏକ ବିରାଟ ପଟୁଆରରେ ଯାଇ ସେ ଦୋଳ ପଡ଼ିଆରେ ଥିବା ଶୁଭ ସ୍ତମ୍ଭକୁ ପୂଜନ କରିବା ପରେ ଏକ ଶାଳ ଗଛ ସ୍ଥାପନ କରିଥିଲେ। ଭୋରୁ ଉପଖଣ୍ଡର ଠାକୁରମୁଣ୍ଡା, ଯଶୀପୁର, ରରୁଆ, ଶୁକ୍ରୁଳି ଓ କରଞ୍ଜିଆର ଶ୍ରୀଜୀଉମାନେ ସ୍ଥାନୀୟ ମେଳଣ ପଡ଼ିଆରେ ଏକତ୍ରିତ ହୋଇ ଭକ୍ତ ଓ ଭଗବାନଙ୍କ ମହାମିଳନ ହୋଇଥିଲା। ଠାକୁର ମିଳନ ପରେ ପରମ୍ପରା ଅନୁସାରେ ଶ୍ରୀଜୀଉମାନେ ସଭାପତିଙ୍କ ବାସଭବରେ ଭୋଗଖାଇଥିଲେ। ପରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାଇ ଶ୍ରୀଜୀଉମାନେ ସାହି ଭ୍ରମଣ କରି ଦଳ ପଡ଼ିଆସ୍ଥିତ





ମେଢ଼ରେ ବିଜେ କରିଥିଲେ। ଏଭଳି ୩ ଦିନ ଉତ୍ସବ ଚାଲିବା ପରେ ହୋଲି ଦିନ ସଭାପତି ଶ୍ରୀଜୀଉମାନଙ୍କୁ ଅବିର ଦେଇ ସାରିବା ପରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ହୋଲି ଖେଳ ହେବ। ପରେ ଶ୍ରୀ ଜୀଉମାନେ ନିଜ ନିଜ ମଠକୁ ବାହୁଡ଼ିବେ। ତେବେ ଚଳିତ ବର୍ଷ ଏହି ମିଳନରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ସଭାପତି ସମସ୍ତ ସରକାରୀ ପଦାଧିକାରୀଙ୍କ ଗହଣରେ ଶୋଭାଯାତ୍ରାରେ ଯାଇ ସସ୍ତ୍ରୀକ ଶୁଭ ଖୁଣ୍ଟ ପୂଜନରେ କର୍ତ୍ତାହୋଇ ପୂଜାର୍ଚ୍ଚନା କରିଥିଲେ।

## ଡାଙ୍ଗରସାହି ଘାଟରୁ ବାଲି ଚୋରାଚାଲାଣ

**କୁଳିଅଣା, ୨୩।୩(ସମିସ):** କୁଳିଅଣା ଥାନା ଅନ୍ତର୍ଗତ ଡାଙ୍ଗରସାହି ନିକଟରେ ବୁଢାବଳଙ୍ଗ ନଦୀର ଉଭୟ ପାର୍ଶ୍ୱରୁ ଚୋରାରେ ବାଲି ଚାଲାଣ ହେଉଛି। କୁଳିଅଣା ତହସିଲ ଅନ୍ତର୍ଗତ ଗୋଟିଏ ହେଲେ ବି ଘାଟ ନିଲାମ ହୋଇନାହିଁ। କିନ୍ତୁ ବୁଢାବଳଙ୍ଗ ନଦୀରେ ୫-୬ଟି ବାଲି ଘାଟ ଚାଲୁଥିବା ଅଭିଯୋଗ ହେଉଛି। ସେଥିରୁ ଡାଙ୍ଗର ସାହି ବାଲିଘାଟ ଅନ୍ୟତମ। ଉକ୍ତ ଗ୍ରାମର ନଦୀ ସେପଟେ ଦିନ ଦ୍ୱିପ୍ରହରରେ ଜେସିବି ଲଗାଇ ବାଲି ଉଠାଉଛନ୍ତି ମାଫିଆ। ପ୍ରତିଦିନ ସକାଳୁ ଶହ ଶହ ଟ୍ରାକ୍ଟର ମାଧ୍ୟମରେ ବାଲି ଚଣାବାଡିଆ ପଟେ ଚୋରାଚାଲାଣ ହେଉଛି। ନଦୀର ଗୋଟିଏ ପାର୍ଶ୍ୱରୁ ଉଠୁଥିବା ବାଲି ଟ୍ରାକ୍ଟରଗୁଡିକ ମୁଖ୍ୟରାସ୍ତା ଆଡଶିଳି ଓ ପାରୁଳିଆ ପଞ୍ଚାୟତ ଦେଇ ଯାତାୟାତ କରୁଛି। ପୁଲିସ ଏବଂ ଖଣି ବିଭାଗକୁ ଚକମା ଦେଇ ବାଲି ବୋଝେଇ ଗାଡିଗୁଡିକ ଅନାୟାସରେ ଚଳାଚଳ କରୁଛି। ଫଳରେ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ୩ ଦିନ ଚାଲିବ ପିଞ୍ଛାବଣିଆ ଦୋଳଯାତ୍ରା

**ବୈଶିଙ୍ଗା, ୨୩।୩ (ସମିସ):** ବସନ୍ତର ପହିଲି ସ୍ପର୍ଶରେ ନବପଲ୍ଲବୀତ ବୃକ୍ଷରେ ନାନା ଜାତିର ଫୁଲ ପ୍ରସ୍ଫୁଟିତ ହେବା ସାଙ୍ଗକୁ ଚତୁର୍ଦ୍ଦିଗରେ ଫଗୁର ଲହରୀ ସହିତ ରଙ୍ଗ, ଅଭିରର ଖେଳ ସଭିଙ୍କ ମନକୁ ରଙ୍ଗାୟିତ କରିଥାଏ। ଆମ ସଂସ୍କୃତି ଓ ପରମ୍ପରାର ଏକ ପ୍ରସିଦ୍ଧ ପର୍ବ ଦୋଳପର୍ବ। ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ପଞ୍ଚାୟତ ତଥା ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପ୍ସା ଅଞ୍ଚଳରେ ବହୁ ପ୍ରସିଦ୍ଧ ଐତିହାସିକ ପିଞ୍ଛାବଣିଆ ମେଳା ସୋମବାରଠାରୁ ଆରମ୍ଭ ହୋଇ ବୁଧବାର ଉଦ୍‌ଯାପିତ ହେବ। ଓଡ଼ିଶାର ପଞ୍ଜିକାରେ ଲିପିବଦ୍ଧ ହୋଇଛି ପିଞ୍ଛାବଣିଆ ହୋଲି ମେଳା। ତେବେ ଚଳିତ ବର୍ଷ ମେଳଣ ପଡ଼ିଆରେ ପ୍ରସ୍ତୁତି ପର୍ବ ଚୂଡାନ୍ତ ପର୍ଯ୍ୟାୟରେ। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ସୀମାନ୍ତରେ ପିଞ୍ଛାବଣିଆ, ନୂଆଗାଁ ଓ ପୁରୁଣିଆ ଗାଁର ଅଧିବାସୀଙ୍କ ମିଳିତ ସହଯୋଗରେ ଏହି ମେଳା ୩ ଦିନ ଧରି ଚାଲିଥାଏ। ଏହି ପ୍ରସିଦ୍ଧ ପିଞ୍ଛାବଣିଆ ମେଳାରେ ବହୁ ଜନସମାଗମ ହୋଇଥାଏ। ବିଭିନ୍ନ ସ୍ଥାନରୁ ବିମାନରେ ରାଧାକୃଷ୍ଣଙ୍କ ବିଗ୍ରହ ଅଣାଯାଇ ମେଳଣ ସହିତ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଇଥାଏ। ସେହିପରି ବହୁ ଜନ ସମାଗମକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ବୈଶିଙ୍ଗା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯିବା ବୋଲି ଥାନା ଅଧିକାରୀ ତପନ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ବାଲି ଟ୍ରାକ୍ଟର ଜବତ; ଚାଳକ କୋର୍ଟ ଚାଲାଣ

**ବାଙ୍ଗିରିପୋଷି, ୨୩।୩(ସମିସ):** ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଭୁଆଶୁଣୀ ରାସ୍ତାରୁ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି ପୁଲିସ। ଏଥିସହିତ ଗାଡି ଚାଳକ ସ୍ଥାନୀୟ ରାମହରିପୁର ଗ୍ରାମର ଜଗନ୍ନାଥ ସିଂଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ, ବାଙ୍ଗିରିପୋଷି ପୁଲିସ ଭୁଆଶୁଣୀ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ; ହେଲେ ଯାଞ୍ଚବେଳେ ଗାଡିର କାଗଜପତ୍ର ଦେଖାଇ ନ ପାରିବାରୁ ପୁଲିସ ଜବତ କରିଥିଲା।

## ଦୁର୍ଘଟଣାରେ ୩ ଯୁବକ ଗୁରୁତର

**କୁଆମରା, ୨୩।୩(ସମିସ):** ଗୋପବନ୍ଧୁ ନଗର ବ୍ଲକ କୁଆମରା-ବଡସାହି ରାସ୍ତାର ବାଲି ଗଡ଼ିଆ ନିକଟରେ ଶୁକ୍ରବାର ରାତିରେ ଏକ ବାଇକ ଯୋଗେ ୩ ଜଣ ଯୁବକ କାମ ସାରି ନିଜ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ପଡ଼ିଯିବା ଯୋଗୁଁ ପଥରରେ ବାଡେଇ ହୋଇ ଯାଇଥିଲେ। ଫଳରେ ବାଇକରେ ଥିବା କୁଆମରା ଗ୍ରାମର ସିପୁନ ମଲ୍ଲିକ (୨୦), ଅଶୋକ ଦେହୁରୀ (୨୨) ଓ ଜଳେନ୍ଦ୍ର ପାତ୍ର (୨୩)ଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ କୁଆମରା ଡାକ୍ତରଖାନା ଓ ପରେ ସଂକଟାପନ୍ନ ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଯୁବକଙ୍କ ମୃତଦେହ ଉଦ୍ଧାର

**ଶୁଳିଆପଦା, ୨୩।୩ (ସମିସ):** ଶୁଳିଆପଦା ବ୍ଲକ ମହାବିଲା ପଞ୍ଚାୟତ ଅଧୀନ ଧରମପୁରା ଗ୍ରାମର ଭଗବାନ ଧଳଙ୍କ ପୁଅ ଦୁର୍ଯ୍ୟୋଧନ ଧଳ(୨୨)ଙ୍କ ମୃତଦେହ ସ୍ଥାନୀୟ ମହାନ୍ତି ଖାଳରୁ ଉଦ୍ଧାର କରାଯାଇଛି। ସୂଚନା ମୁତାବକ, ଦୁର୍ଯ୍ୟୋଧନ ଗତକାଲି ସକାଳୁ ନିକଟସ୍ଥ ମହାନ୍ତି ଖାଳକୁ ଗେନ୍ଠଥଜ ଜାଲ ନେଇ ମାଛ ଧରିବାକୁ ଯାଇଥିଲେ। ବହୁ ବିଳମ୍ବ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଏବଂ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ପରେ ଆଜି ସକାଳୁ ସକାଳୁ ମାଛ ଧରୁଥିବା ସ୍ଥାନ ଠାରୁ କିଛି ଦୂରରେ ତାଙ୍କର ମୃତହେଦ ଭାସୁଥିବା ଲୋକେ ଦେଖି ଶୁଳିଆପଦା ଥାନାକୁ ଖବର କରିଥିଲେ। ଖବର ପାଇ ଶୁଳିଆପଦା ଏଏସଆଇ ରସାନନ୍ଦ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ଶବ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି। ଏନେଇ ଶୁଳିଆପଦା ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଟ୍ରାକ୍ଟର ଧକ୍କାରେ ୩ ଗୁରୁତର

**କୁଆମରା, ୨୩।୩(ସମିସ):** ଶନିବାର ଅପରାହ୍ନରେ ଗୋପବନ୍ଧୁ ନଗର ବ୍ଲକ ଆରପଟାଠାରେ ଏକ ଟ୍ରାକ୍ଟର ଧକ୍କାରେ ବାଇକ ଚାଳକ ସମେତ ୩ ଜଣ ଗୁରୁତର ହୋଇଛନ୍ତି। ଟ୍ରାକ୍ଟରଟି ଯାଉଥିବା ବେଳେ ବିପରୀତ ଦିଗରୁ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ସଂଗ୍ରାମପୁର ଗ୍ରାମର ସୁଦୀପ୍ତ ବିଶ୍ୱାଳ (୩୫) ଏକ ବାଇକରେ ସ୍ତ୍ରୀ ଏବଂ ତାଙ୍କ ମା'ଙ୍କୁ ବସାଇ ଆସୁଥିବା ବେଳେ ଧକ୍କା ହୋଇଥିଲା। ଫଳରେ ବାଇକଟି ଭାଙ୍ଗିରୁଜି ଯିବା ସହିତ ୩ଜଣଯାକ ଗୁରୁତର ହୋଇପଡ଼ିଛନ୍ତି। ପରେ ଉତ୍ତ୍ୟକ୍ତ ଲୋକେ ଟ୍ରାକ୍ଟର ଚାଳକକୁ ନିସ୍ଥୁକ ମାଡମାରି ଆହତ କରିଛନ୍ତି। ପରେ ସମସ୍ତ ଆହତଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ କୁଆମରା ଫାଣ୍ଡି ଅଧିକାରୀ ଉପେନ୍ଦ୍ର ଗୋଛାୟତ ଟ୍ରାକ୍ଟର ସହ ବାଇକକୁ ଜବତ କରି ଅଟକ ରଖାଯାଇଛି। ତେବେ ଡ୍ରାଇଭରର ପରିଚୟ ମିଳିପାରିନାହିଁ।

## କୁଳିଅଣାରେ ସାନ୍ତାଳି ସମ୍ପ୍ରଦାୟର ବାହାବଙ୍ଗା ପର୍ବ ପାଳିତ



**କୁଳିଅଣା, ୨୩।୩(ସମିସ):** କୁଳିଅଣାଠାରେ ଦିସମ ଜାହେର୍ ଶୁଖୁଆପୋଡାଠାରେ ଦିସମ୍ ଜାହେର ପାଳନ କମିଟି ଦ୍ୱାରା ସାନ୍ତାଳୀ ସମ୍ପ୍ରଦାୟର ବାହାବଙ୍ଗା ଉତ୍ସାହର ସହ ପାଳିତ ହୋଇଯାଇଛି। ଏଥିରେ କୁଳିଅଣା ବ୍ଲକର ଶତାଧିକ ସାନ୍ତାଳ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଶୁକ୍ରବାର ରିଖ ସକାଳେ 'ଜାହେର୍ ସାଳିମ ଦାଲବ' ଏବଂ ରାତିରେ ଜାଗରଣ ଏବଂ ବିନତି ସମାପନ କରାଯାଇଥିଲା। ଶନିବାର ସକାଳେ ଦିସମ୍ ଜାହେର୍ ନାୟକେ ବାବା ସୁଧିର ଚପେୟାର୍ ପାରମ୍ପରିକ ନିତି ଅନୁସାରେ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ଏଥିରେ ଗୁରୁ ବାବା ଠାକୁର ଦାସ ହେମ୍ବ୍ରମ, ମାଝୀ ବାବା ହରିମୋହନ ବେଶ୍ରା, ଯୋଗ ମାଝୀ, ବିଶ୍ୱନାଥ ହାଁସଦା, ଗଡେତ ହାରା ଟୁଡୁ, ହାରି ହାଁସଦା, ପାଣ୍ଡୁ ସୋରେନ, ମୁଲୁକ ପାର୍ଗାନା ମାଙ୍ଗାତ ଚପେୟାର ସହଯୋଗ କରିଥିଲେ। ଅପରାହ୍ନରେ ବ୍ଲକର ଦୂର ଦୂରାନ୍ତରୁ ଆସି ଶ୍ରଦ୍ଧାଳୁମାନେ ସମବେତ ଭାବରେ ବାହା ନୃତ୍ୟ କରିଥିଲେ। ଏହି ଅବସରରେ ବିନତି ଗୁରୁ ବାବା ଠାକୁରଦାସ ହେମ୍ବ୍ରମଙ୍କୁ ଅନୁଷ୍ଠାନ ପକ୍ଷରୁ ସାର୍ନା ଧର୍ମର ପ୍ରଚାର ପ୍ରସାର ନିମନ୍ତେ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ଆସନ୍ତାକାଲି ନାୟକେଙ୍କ ଦ୍ୱାରା 'ଅଃ ରାଳା' ସହ ବାହାବଙ୍ଗା ସମାପନ ହେବ।

## କୁମ୍ଭୀରମୁଣ୍ଡି ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

**ରାଇରଙ୍ଗପୁର/ବହଳଦା, ୨୩।୩(ସମିସ):** ବାମନଘାଟୀ ଉପଖଣ୍ଡ ବହଳଦା ବ୍ଲକ ଅଧୀନ କୁମ୍ଭୀରମୁଣ୍ଡି ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ସଭାପତି ଅସନା କ୍ଲଷ୍ଟର ସିଆରସିସି ବାସୁଦେବ ହେମ୍ବ୍ରମଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିଆଇଅଫ୍ ସ୍କୁଲ ଏସଏସଡି ମାନସ ରଞ୍ଜନ ତ୍ରିପାଠୀ, ମୁଖ୍ୟବକ୍ତା ରୂପେ ତିଖିଆ ୟୁପି ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦଶରଥ ମହାନ୍ତ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟୀ ସଭାପତି ସନ୍ତୋଷ କୁମାର ଲୋହାର ଓ କୁମ୍ଭୀରମୁଣ୍ଡି ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ତୁଳସୀ ଦାସ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷକ ଗଗନ ବିହାରୀ ମୁର୍ମୁ ଅତିଥି ପରିଚୟ ଦେବା ସହିତ ମଞ୍ଚ ପରିଚାଳନା କରିଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କୁ ଆଗାମୀ ଭବିଷ୍ୟତ ଆଖିରେ ରଖି ସୁଛାତ୍ର ହେବାପାଇଁ ଉପଦେଶ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ବିଦ୍ୟାଳୟର ଅସୁବିଧା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



## ଲକ୍ଷାଧିକ ଟଙ୍କାର କାଠ ଜବତ



**ରାଇରଙ୍ଗପୁର/ବହଳଦା, ୨୩।୩।(ସମିସ):** ବହଳଦା ବନ ବିଭାଗ ପକ୍ଷରୁ ଶଶ ଗାଁରେ ଚଢ଼ଉ କରାଯାଇ ଲକ୍ଷାଧିକ ଟଙ୍କାର କାଠ ଜବତ କରାଯାଇଛି। ସୂଚନା ଅନୁସାରେ, ବହଳଦା ବ୍ଲକ ଶଶ ଗାଁରେ ଚୋରା ଭାବରେ ଚାଲିଥିବା କରତକଳ ଉପରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ଶାଳ, ଶାଗୁଆନ, ଗମ୍ଭାରୀ କାଠ ସହିତ କରତଗୁଡିକୁ ଜବତ କରିଥିଲା। ହେଲେ ଚଢ଼ଉ ପୂର୍ବରୁ ଖବର ପାଇ କାଠ ବେପାରୀମାନେ ଖସି ପଳାଇଥିଲେ।

ବସ୍ ମାଲିକ ଗିରଫ ନିର୍ଦ୍ଦେଶକୁ ନେଇ ସଂଘ ପକ୍ଷରୁ ସ୍ପଷ୍ଟୀକରଣ

# ପୁନର୍ବିଚାର ପାଇଁ ଜିଲ୍ଲାପାଳଙ୍କୁ ନିବେଦନ

**ବାରିପଦା, ୨୩।୩ (ସମିସ)**

ନିର୍ବାଚନ ନିୟମକୁ ଉଲ୍ଲଂଘନ କରିବା ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବସ ଜବତ କରିବା ସହିତ ମାଲିକଙ୍କୁ ଗିରଫ କରିବା ପ୍ରସଙ୍ଗକୁ ନେଇ ଶନିବାର ମୟୂରଭଞ୍ଜ ବସ ମାଲିକ ସଂଘ ପକ୍ଷରୁ ପ୍ରେସ ବିବୃତିରେ ସ୍ପଷ୍ଟୀକରଣ ଦିଆଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ପୁଲିସ ରିଜର୍ଭ ପଡ଼ିଆରେ ବସ ନିୟୋଜିତ କରିବା ନିମନ୍ତେ ଜିଲ୍ଲା ପରିବହନ ବିଭାଗ ଜରିଆରେ ଦିଆଯାଇଥିବା ଚିଠି ବିଳମ୍ବରେ ପାଇବା ଓ ବସର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନିର୍ଦ୍ଧାରିତ ସମୟରେ ବସ ଯୋଗାଇ ପାରି ନ ଥିବା କୁହାଯାଇଛି। ତେଣୁ ବିନମ୍ରତାର ସହ ଘଟଣାର ପୁନର୍ବିଚାର କରିବା ପାଇଁ ସଂଘ ପକ୍ଷରୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୨୩ ମସିହା ମାର୍ଚ୍ଚ ୨୦ ତାରିଖରେ ବାରିପଦା ପୁଲିସ ରିଜର୍ଭ ପଡ଼ିଆରେ ବସ ପହଞ୍ଚାଇବାକୁ ସାଇକୃପା ବସ ମାଲିକ ପ୍ରଶାନ୍ତ ବାରିକଙ୍କୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ଚିଠିଟି ୧୫ ମାର୍ଚ୍ଚ ୨୦୨୩ରେ ଜିଲ୍ଲାପାଳଙ୍କ ସ୍ୱାକ୍ଷର ଥାଇ ନିର୍ଦ୍ଦେଶ ରହିଥିବା ବେଳେ ପରିବହନ ବିଭାଗ ପକ୍ଷରୁ ଟ୍ରାଫିକ ଇନିସପେକ୍ଟରଙ୍କ ଜରିଆରେ ୨୦ ମାର୍ଚ୍ଚ ଦିନ ୧୧ଟାରେ ପ୍ରଦାନ କରାଯାଇଥିଲା। ଚିଠି ପ୍ରଦାନ ସମୟରେ ବସକୁ ସଙ୍ଗେ ସଙ୍ଗେ ପଡ଼ିଆରେ ପହଞ୍ଚାଇବାକୁ ତାଗିଦ କରାଯାଇଥିଲା। ସଙ୍ଗେ ସଙ୍ଗେ ବସ୍ ମାଲିକ ଡ୍ରାଇଭର ଯୋଗାଡ କରି ବସକୁ ଷ୍ଟାର୍ଟ କରିବାରୁ ଯାନ୍ତ୍ରିକ ତ୍ରୁଟି ପାଇଁ ବସଟି ଗଡ଼ିପାରି ନ ଥିଲା। ବସର ତ୍ରୁଟିକୁ ନେଇ ସମ୍ପୃକ୍ତ ମାଲିକ ଜଣକ ଟ୍ରାଫିକ ଇନିସପେକ୍ଟରଙ୍କୁ ମଧ ଅବଗତ କରିଥିଲେ। ଏପରିକି ଜିଲ୍ଲା ପରିବହନ ବିଭାଗର ଅବହେଳା ପାଇଁ ବିଳମ୍ବରେ ଚିଠି ପ୍ରଦାନ କରାଯିବାର ଦୋଷ ତ୍ରୁଟିକୁ ଲୁଚାଯାଇ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସଂଘର ସଭାପତି ଅଜୟ କୁମାର ବେହେରା ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ଜିଲା ପ୍ରଶାସନ ଜରିଆରେ ବସକୁ ନିୟୋଜିତ କରାଯାଇ ମାଲିକମାନଙ୍କର ଲକ୍ଷ ଲକ୍ଷ ଟଙ୍କା ବକେୟା ପଡ଼ିରହିଛି। ଏପରିକି ରାଷ୍ଟ୍ରପତିଙ୍କ ତିନି ଥର ଜିଲ୍ଲା ଗସ୍ତ ସମୟରେ ନିୟୋଜିତ ଗାଡି ଗୁଡିକର ଅର୍ଥ ମଧ୍ୟରୁ ପ୍ରଥମ ଥର ଗସ୍ତର ଅର୍ଥ ପ୍ରଦାନ କରାଯାଇଛି। ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ନିୟୋଜିତ ବସଗୁଡିକର କିଛି ଟଙ୍କା ୫ବର୍ଷ ପରେ ଅର୍ଥାତ ୨୦୨୪ରେ ପ୍ରଦାନ କରାଯାଇଛି। ତେବେ ରାଜ୍ୟ ସରକାରଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଶିକ୍ଷକମାନଙ୍କ ନିଯୁକ୍ତି, ଡାକ୍ତରଖାନା ଉଦଘାଟନ, ବରିଷ୍ଠ ନାଗରିକ ଓ ତୀର୍ଥଯାତ୍ରୀ ଯୋଜନା, ବାରିପଦା ମ୍ୟୁନିସିପାଲିଟି ଦ୍ୱାରା ନିୟୋଜିତ ବସଗୁଡିକର ଲକ୍ଷ ଲକ୍ଷ ଟଙ୍କା ଅଦ୍ୟାବଧି ବକେୟା ଅବସ୍ଥାରେ ପଡ଼ିରହିଛି। ପକେୟା ଅର୍ଥ ପ୍ରଦାନ କରିବାକୁ ନେଇ ଅଧିକାରୀମାନେ ଦିନ ପରେ ଦିନ ଗଡ଼ାଇବାରେ ଲାଗିଛନ୍ତି। ଫଳରେ ବସ ମାଲିକମାନେ ଅର୍ଥାଭାବର ସମ୍ମୁଖିନ ହେଉଥିବା ବେଳେ ମାନସିକ ଦୁଶ୍ଚିନ୍ତାରେ ଦିନ ଗଣୁଛନ୍ତି। ଏସବୁ ସମସ୍ୟା ଥାଇ ସୁଦ୍ଧା ବସ ମାଲିକ ସଂଘ ପକ୍ଷରୁ ରାଜ୍ୟ ସରକାର ତଥା ଜିଲା ପ୍ରଶାସନକୁ ସାହାଯ୍ୟ କରିଆସୁଛନ୍ତି। ଆର୍ଥିକ ଅନାଟନ ସତ୍ତ୍ୱେ ବସ ମାଲିକମାନେ ବର୍ଷ ବର୍ଷ ଧରି ସହଯୋଗ କରିଆସୁଛନ୍ତି। ପରିବହନ ବିଭାଗର ଅବହେଳା ଓ ବସ ମାଲିକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଏଥିପ୍ରତି ପୁର୍ନବିଚାର କରିବାକୁ ସଂଘ ପକ୍ଷରୁ ନିବେଦନ କରିଛନ୍ତି।




## 'ଡିଜିପି ଡିସ୍କ' ପୁରସ୍କାରରେ ସମ୍ମାନିତ ହେବେ ଏସ୍‌ପି

**ବାରିପଦା, ୨୩।୩ (ସମିସ):** ସମ୍ମାନଜନକ ଡିଜିପି ଡିସ୍କ ପୁରସ୍କାର ପାଇବେ ମୟୂରଭଞ୍ଜ ଜିଲ୍ଲାର ଏସପି ଏସ. ସୁଶ୍ରୀ। ଆସନ୍ତା ଅପ୍ରେଲ ୧ତାରିଖରେ ୮୯ତମ ଓଡ଼ିଶା ପୁଲିସ ସ୍ଥାପନା ଦିବସ ଅବସରରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏନେଇ ଶନିବାର ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ତାଙ୍କ ନାମ ଘୋଷଣା କରାଯାଇଛି। ପୁଲିସ ସେବା କ୍ଷେତ୍ରରେ ଶ୍ରେଷ୍ଠତାର ପାଇଁ ଓଡ଼ିଶାର କାର୍ଯ୍ୟ ପ୍ରଦର୍ଶନ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଉକ୍ତ ସମ୍ମାନଜନକ ପୁରସ୍କାର ସେ ପାଇବା ପାଇଁ ଚୟନ ହୋଇଛନ୍ତି। ଏସପି ଏସ. ସୁଶ୍ରୀଙ୍କ ଦୃଷ୍ଟାନ୍ତ ମୂଳକ ସାହାସିକତା କାର୍ଯ୍ୟ ପ୍ରଦର୍ଶନ ସ୍ୱରୂପ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା ପାଇଁ ନିଆରା କାର୍ଯ୍ୟ କରିଛନ୍ତି। ପୁଲିସ ବିଭାଗ ପକ୍ଷରୁ ଆରକ୍ଷୀ ମହାନିର୍ଦ୍ଦେଶକ ତାଙ୍କୁ 'ଡିଜିପି ଡିସ୍କ' ସମ୍ମାନ ୧୩୨୯/୨୪ରେ ସମ୍ମାନିତ କରାଯିବ। ତାଙ୍କର ଶ୍ରେଷ୍ଠତା ଓ ପ୍ରତିବଦ୍ଧତା ପ୍ରଦର୍ଶନ କରି ଓଡ଼ିଶା ପୁଲିସକୁ ଗର୍ବିତ କରିଥିବାକୁ ନେଇ ମୟୂରଭଞ୍ଜ ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ଖୁସିବ୍ୟକ୍ତ କରିବା ସହ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।








## ବରଗଡ଼ିଆ ଗ୍ରାମରେ ଛୁରାମାଡ ଘଟଣା

# ଏସ୍‌ପିଙ୍କୁ ଫେରାଦ ହେଲେ ପରିବାରବର୍ଗ

**ଆନନ୍ଦପୁର,୨୩।୩(ସମିସ):** କେନ୍ଦୁଝର ଜିଲା ସୋସୋ ଥାନା ଅନ୍ତର୍ଗତ ବରଗଡିଆ ଗ୍ରାମରେ ସମ୍ପର୍କୀୟ ଭାଇକୁ ଛୁରା ମାଡ କରିବା ଘଟଣାରେ ପୁଲିସ ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ପରିବାର ଲୋକେ ଆଜି କେନ୍ଦୁଝର ଏସ୍‌ପିଙ୍କୁ ସୋସୋ ପୁଲିସ ବିରୋଧରେ ଫେରାଦ ହୋଇଥିବା ଜଣାଯାଇଛି। ଅଭିଯୋଗରୁ ମିଳିଥିବା ସୂଚନାନୁଯାୟୀ, ସଡା ପଞ୍ଚାୟତ ଅନ୍ତର୍ଗତ ବରଗଡିଆ ଗ୍ରାମରେ ଅନାଦି ସ୍ୱାଇଁଙ୍କ ପଟାଭୁକ୍ତ ଜମିରେ ତାଙ୍କ ଭାଇ ଗୌରାଙ୍ଗ ବାଲି ଓ ମାଟି ପକାଇ ବଳପୂର୍ବକ ରାସ୍ତା ନିର୍ମାଣ କରୁଥିବାରୁ ଅନାଦି ଏହାର ପ୍ରତିବାଦ କରିଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ଗୌରାଙ୍ଗ ଓ ତାଙ୍କ ପୁଅ ଘଟଣାସ୍ଥଳରେ ପହଞ୍ଚି ଅନାଦି ଓ ତାଙ୍କ ପୁଅଙ୍କୁ ଛୁରିରେ ଆକ୍ରମଣ କରିବା ଘଟଣାରେ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆହତ ପରିବାର ଲୋକେ ସୋସୋ ଥାନାରେ ହାଜର ହୋଇ ଅଭିଯୋଗ କରିବାରୁ ପୁଲିସ ସେମାନଙ୍କୁ ଚିକିତ୍ସା ପାଇଁ ସୋସୋ ଡାକ୍ତରଖାନାକୁ ପଠାଇଥିଲା। ଏହାକୁ କେନ୍ଦ୍ର କରି ଆକ୍ରମଣକାରୀ ପରିବାର ଗାଳିଗୁଲଜ କରିବା ଓ ଜୀବନରୁ ମାରିଦେବାକୁ ଧମକ ଦେବା ଭଳି ଘଟଣାରେ ଭୟର ବାତାବରଣ ଖେଳିଯାଇଛି। ବାରମ୍ବାର ପୁଲିସକୁ ପରିବାର ଲୋକେ ଘଟଣା ସମ୍ପର୍କରେ ଜଣାଇଥିଲେ ମଧ୍ୟ ପୁଲିସ ପକ୍ଷପାତିତା ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ଆହତ ପରିବାର ଆଜି କେନ୍ଦୁଝର ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରି ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଛନ୍ତି।



## ସଫଳ କ୍ରୀଡ଼ାବିତ୍‌ରୁ ଆଦର୍ଶ ଚାଷୀ

# ପାହାଡ଼ିଆ ଅଞ୍ଚଳ ଏବେ ପନିପରିବା କ୍ଷେତ





- ସଠିକ ଜଳ ପରିଚାଳନାରୁ ସଫଳତା
- ରୋଜଗାର କରୁଛନ୍ତି ଲକ୍ଷାଧିକ ଟଙ୍କା





**ରାମଚନ୍ଦ୍ରପୁର,୨୩।୩(ସମିସ)**

ପାହାଡିଆ ଅଞ୍ଚଳରେ ସଠିକ ଜଳ ପରିଚାଳନା କରି ପନିପରିବା ଉତ୍ପାଦନ କରି ନିଜେ ସ୍ୱାବଲମ୍ବୀ ହେବା ସହ ବର୍ଷକୁ ଲକ୍ଷାଧିକ ଟଙ୍କା ଆୟ କରି ଆଜିର ଯୁବ ସମାଜ ପାଇଁ ଆଦର୍ଶ ସାଜିଛନ୍ତି ଆଦିବାସୀ ଯୁବକ ବାଦଲ ଟୁଡୁ। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଖାଲପାଳ ଗାଁ ଚୋରଖଳା ସାହିର ଯୁବଚାଷୀ ବାଦଲ ଟୁଡୁ, ଜଣେ ସଫଳ କ୍ରିଡାବିତ ଭାବେ କୋରାପୁଟ ସ୍ପୋର୍ଟସ ହଷ୍ଟେଲରେ ରହି ଅଧ୍ୟୟନ କରୁଥିଲେ। ପରେ ଚାକିରି ପଛରେ ନ ଗୋଡାଇ ଆଧୁନିକ ପଦ୍ଧତିରେ ଚାଷ କରି ନିଜର ପରିବାରର କୌଳିକ ବୃତ୍ତିକୁ ଆପଣାଇଛନ୍ତି। ସଠିକ ଜଳ ପରିଚାଳନା ତଥା ଡ୍ରିପ୍ ପଦ୍ଧତିରେ ଜମିରେ ଜଳସେଚନ କରି କମ ଖର୍ଚ୍ଚରେ ଅଧିକ ଅମଳ କରିପାରୁଛନ୍ତି ବାଦଲ। ଏବେ ସେ ୪ ଏକର ଜମିରେ ୫ ହଜାର ମିଠା ମକାଗଛ ଚାଷ କରିଛନ୍ତି। ମକାଗଛ ସେ ମଲଚିଂ ପଦ୍ଧତିରେ ଚାଷ କରିଥିବା ବେଳେ ଜଳସେଚନ ପାଇଁ ସେ ଡ୍ରିପ୍ ପଦ୍ଧତି ଆପଣାଇଛନ୍ତି। ଏଥିପାଇଁ ସେ ପ୍ରତି ଗଛ ନିକଟରେ ଛୋଟ ପାଇପ୍ ଦ୍ୱାରା ବୁନ୍ଦା ବୁନ୍ଦା ଜଳ ସିଞ୍ଚନ କରୁଛନ୍ତି। ଫଳରେ ଗଛକୁ ଯେତିକି ଜଳ ଆବଶ୍ୟକ, ସେତିକି ମିଳିଥାଏ। ଏହି ପଦ୍ଧତିରେ ଆଦୌ ଜଳ ନଷ୍ଟ ହୋଇ ନଥାଏ। ଗତ ୨୪ବର୍ଷ ଧରି ସେ ଏପରି ଭାବେ ଚାଷ କରି କମ୍ ଜଳ ଖର୍ଚ୍ଚ କରିବା ସହିତ ବିଶ୍ୱ ଜଳ ଦିବସ ଅବସରେ ସେ ଉଦାହରଣ ପାଲଟିଛନ୍ତି। ବାଦଲ ଜଣେ ଭଲ ଭଲି ଖେଳାଳି ଥିଲେ। ଏଥିପାଇଁ ସେ କୋରାପୁଟ ସ୍ପୋର୍ଟ୍ସ ହଷ୍ଟେଲ୍‌ରେ ରହି ସରକାରୀ ପ୍ରଶିକ୍ଷଣ ନେଇଥିଲେ। ହେଲେ ସେ ଚାକିରି ପଛରେ ନଗୋଡାଇ ନିଜେ କିଛି କରିବା ଲକ୍ଷ୍ୟରେ ଆଧୁନିକ ପ୍ରଣାଳୀରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିବା ଆରମ୍ଭ କଲେ। ୨୦୦୬ ମସିହାରୁ ନିଜ ଜମିରେ ବାଇଗଣ, ଜହ୍ନି, ଭେଣ୍ଡି, ଝୁଡଙ୍ଗ ଆଦି ଚାଷ କରିବା ଆରମ୍ଭ କଲେ। ଶୀତ ଦିନେ ସେ ବିଲାତି ଚାଷ ପରେ ଏବେ ମିଠାମକା ଚାଷ କରିଛନ୍ତି। ପନିପରିବା ଚାଷ ମଲଚିଂ, ଟ୍ରେଲିଚ୍ ପଦ୍ଧତିରେ କରିବା ସହିତ ଜଳସେଚନ ପାଇଁ ଡ୍ରିପ୍ ପଦ୍ଧତି ଆପଣାଇଛନ୍ତି। ଫଳରେ ସେ ଚାଷରୁ ବର୍ଷକୁ ୬ଲକ୍ଷରୁ ଊର୍ଦ୍ଧ୍ୱର୍ ଟଙ୍କା ରୋଜଗାର କରିବା ସହିତ ନିଜର ୭ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ କରି ପାରୁଛନ୍ତି। ଯାହା ସ୍ଥାନୀୟ ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

## କେନାଲ ସଫେଇ କାର୍ଯ୍ୟ ନିମ୍ନମାନର

# ମରାମତି ହେଉନି ଭଙ୍ଗା ପୋଲ

**ହାଟଡ଼ିହୀ,୨୩।୩(ସମିସ)**

ବିଦ୍ୟାଧରପୁର କେନାଲ ଡିଭିଜନ୍ ପକ୍ଷରୁ କେନାଲ ସଫେଇ ଏବଂ ପୁରୁଣା ପୋଲରେ ରଙ୍ଗ ଲେପ କାର୍ଯ୍ୟ ଜୋରଦାର୍ ହେଉଥିବା ଦେଖାଯାଇଛି। ମେସିନ୍ ଯୋଗେ କେନାଲ ଭିତରେ ମାଟି-ଗୋଡ଼ି-ପଥର ଆଦିର ସଫେଇ କାର୍ଯ୍ୟ ହେଉଥିଲା ବେଳେ କେନାଲ୍ ଆଖ୍ୱାରରେ ଥିବା ରାସ୍ତା ଉପରକୁ ମାଡ଼ି ଆସିଥିବା ଲତାଗୁଳ୍ମକୁ ଶ୍ରମିକଙ୍କ ସାହାଯ୍ୟରେ ପରିଷ୍କାର କରାଯାଉଛି। ଶ୍ରମିକ ମାନଙ୍କ ଦ୍ୱାରା ରାସ୍ତାକଡ଼ ସଫେଇ କାର୍ଯ୍ୟ ଠିକ୍‌ଠାକ୍ ହେଉଥିଲା ବେଳେ ମେସିନ୍ ଯୋଗେ କେନାଲ୍ ଭିତରେ ଚାଲିଥିବା ନିମ୍ନମାନର ସଫେଇ କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପ୍ରଥମତଃ କେନାଲ୍ ଭିତରେ ପ୍ରଚୁର ପରିମାଣରେ ମାଟି-ଗୋଡ଼ି-ପଥର ସହ ଘାସବୁଦା ରହିଥିଲା ବେଳେ ତାହା ଠିକ୍ ସେ ପରିଷ୍କାର କରାଯାଉନାହିଁ। ଦ୍ୱିତୀୟରେ ମରାମତି କାର୍ଯ୍ୟ ଆଦୌ ହେଉନଥିବା ବେଳେ କେବଳ ପୁରୁଣା ପୋଲ ଗୁଡ଼ିକରେ ରଙ୍ଗ ଲେପ ଦିଆଯାଉଛି। ଲୋକଙ୍କ ଅଭିଯୋଗକୁ ଆଧାର କରି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ମୋଟ୍ ୧୦କିମି ଯାଏଁ କେନାଲ ଭିତର ସହ ରାସ୍ତାକଡ଼ ସଫେଇ, ପୁରୁଣା ପୋଲ ସହ କିଛି ସାଇଡ୍ ୱାଲ ଗୁଡ଼ିକର ମରାମତି ଏବଂ ପୁରୁଣା ପୋଲରେ ରଙ୍ଗ ଲେପ ନିମନ୍ତେ କାର୍ଯ୍ୟ କରାଯାଉଛି। ଏ ନିମନ୍ତେ ସେମିତି କିଛି ନିର୍ଦ୍ଦିଷ୍ଟ ବଜେଟ୍ ତିଆରି ହୋଇନାହିଁ, କିନ୍ତୁ କାର୍ଯ୍ୟ ଶେଷ ପରେ ଏସବୁର ଏଷ୍ଟିମେଟ୍ ପ୍ରସ୍ତୁତ କରି ବିଲ୍ କରାଯିବ ବୋଲି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ଏପରିସ୍ଥଳେ କଣିଆରୀ ଗ୍ରାମର ମୁଖ୍ୟରାସ୍ତାକୁ ସଂଯୋଗ କରିଥିବା ପୋଲର ଅବସ୍ଥା ଶୋଚନୀୟ ହୋଇଥିବା ତୁରନ୍ତ ଏହାର ମରାମତି କରାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନେକ ଗୁଡ଼ିଏ ପୋଲର କିଛିକାଂଶରେ ସୁରକ୍ଷାବାଡ଼ ଭାଙ୍ଗି ଯାଇଥିବା ବେଳେ କିଛି ପୋଲର ସୁରକ୍ଷାବାଡ଼ ଆଦୌ ନାହିଁ। ଯାହାକି, ପଥଚାରୀଙ୍କ ଗମନାଗମନରେ ବିପଦ ବୃଦ୍ଧି କରୁଛି। ଏସବୁ ମରାମତି ଦିଗରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ସାଜିଛି।



# ଫକୀରପୁରରୁ ଯୁବତୀ ନିଖୋଜ

**ଆନନ୍ଦପୁର,୨୩।୩(ସମିସ):** ଆନନ୍ଦପୁର ପୌରାଞ୍ଚଳର ଫକୀରପୁର ଗ୍ରାମରୁ ଜନୈକା ଯୁବତୀ ନିଖୋଜ ଥିବା ଆନନ୍ଦପୁର ଥାନାରେ ରିପୋର୍ଟ ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ଫକୀରପୁର ୧୦ନଂ ୱାର୍ଡ ବଢେଇ ସାହିର ନିଖୋଜ ଯୁବତୀ ଜଣକ ଆନନ୍ଦପୁର ମହାବିଦ୍ୟାଳୟ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ଅଟନ୍ତି। ସେ ଗତ ୨୧ ତାରିଖ ଅପରାହ୍ନ ୨ ଘଟିକା ସମୟରୁ ନିଖୋଜ ହୋଇଯିବାରୁ ପରିବାର ଲୋକେ ବ୍ୟସ୍ତବିବ୍ରତ ହୋଇପଡିଥିଲେ। ତେବେ ଖୋଜାଖୋଜି ପରେ ଘରୁ ଯୁବତୀଙ୍କ ଏକ ହାତଲେଖା ପତ୍ର ମିଳିଥିଲା। ଯେଉଁଥିରେ 'ମୋତେ କେହି ଖୋଜିବ ନାହିଁ ମୁଁ ଚାକିରି ଅନ୍ୱେଷଣରେ ଅଛି' ବୋଲି ଉଲ୍ଲେଖ ହୋଇଥିଲା। ତେବେ ପରିବାର ଲୋକେ ସୁରକ୍ଷା ଦୃଷ୍ଟିରୁ ଏନେଇ ଆନନ୍ଦପୁର ଥାନାରେ ନିଖୋଜ ସମ୍ପର୍କିତ ଏକ ଲିଖିତ ସୂଚନା ଦେଇଥିବା ଜଣାଯାଇଛି।

# ବାସୁଦେବପୁରରେ ନିଆରା ମାଗେ ପରବ



**ନାରଦପୁର,୨୩।୩(ସମିସ):** ଯୋଡ଼ା ବ୍ଲକ ଅନ୍ତର୍ଗତ କଣ୍ଡରା ଗ୍ରାମ ପଞ୍ଚାୟତର ବାସୁଦେବପୁର ଗ୍ରାମରେ ମାଗେ ପରବ ଚାଲିଛି। ଆଜି ଏହି ଉତ୍ସବରେ ଅତିଥି ଭାବରେ ୨୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଡମ୍ବରୁଧର କୁଦାଦଃ ଯୋଗଦେଇଥିଲେ। ଗାଁର ଶତାଧିକ ଲୋକେ ପାରମ୍ପାରିକ ବସ୍ତ୍ର ପିନ୍ଧି ହାତକୁ ହାତ ଛନ୍ଦି ନାଗରା ଓ ମାଦଳର ତାଳେ ତାଳେ ନାଚରେ ମସଗୁଲ ହୋଇ ଯାଇଥିଲେ। ଏହି ଅବସରରେ କମିଟି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା କରା ଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

# ସ୍କାଉଟ ରାଜ୍ୟ ମୁଖ୍ୟ କମିଶନରଙ୍କ ପଞ୍ଚୁପଲୀ ହାଇସ୍କୁଲ ପରିଦର୍ଶନ



ଆନନ୍ଦପୁର,୨୩।୩(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ପଞ୍ଚୁପଲୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆଜି ଭାରତ ସ୍କାଉଟ ଏବଂ ଗାଇଡ୍ ଓଡିଶା ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳିପ୍ରସାଦ ମିଶ୍ର ଓ ରାଜ୍ୟ ସ୍କାଉଟ ତାଲିମ ସଚିବ ସୁରଜିତ୍ ସେନ୍ ପରିଦର୍ଶନ କରିଥିବା ଜଣାଯାଇଛି। ମୁଖ୍ୟ କମିଶନର ବିଦ୍ୟାଳୟରେ ପହନଚିବା ପରେ ସ୍କାଉଟ ଓ ଗାଇଡ୍‌ର ଛାତ୍ରଛାତ୍ରୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ବିଦ୍ୟାଳୟ ପରିସରରେ ଆୟୋଜନ କରାଯାଇଥିବା ତାଲିମ ଶିବିରକୁ ପାଛୋଟି ନେଇଥିଲେ। ବିଦ୍ୟାଳୟର ସ୍କାଉଟ ଶିକ୍ଷକ ତଥା କେନ୍ଦୁଝର ଜିଲ୍ଲା ସ୍କାଉଟ ତାଲିମ ସଚିବ ଦେବୀଦାଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍କାଉଟ୍ ଓ ଗାଇଡ୍‌ର କମିଶନର ବିଦ୍ୟାଳୟର ସ୍କାଉଟ ଛାତ୍ରଛାତ୍ରୀଙ୍କ ବିଭିନ୍ନ ସେବାମୂଳକ କାର୍ଯ୍ୟ ପରିଦର୍ଶନ କରିବା ସହିତ ଛାତ୍ରଛାତ୍ରୀଙ୍କ ଗାଇଡ୍‌ର ଗେଜେଟ୍‌ର ସମୀକ୍ଷା କରିଥିଲେ। ପରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ କମିଶନର ଡ. ମିଶ୍ର ଯୋଗ ଦେଇ ସ୍କାଉଟ ଛାତ୍ରଛାତ୍ରୀ ଏହି ସେବାମୂଳକ କାର୍ଯ୍ୟରେ ମନୋନିବେଶ କରି ଭବିଷ୍ୟତରେ ଜଣେ ଭଲ ଗାଇଡ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କାଉଟ ଛାତ୍ର ରାଜଦୀପ ମହାନ୍ତି, ସୌମ୍ୟରଞ୍ଜନ ପଟ୍ଟନାୟକ, ସତ୍ୟବ୍ରତ ନାୟକ, ସୌମ୍ୟଜିତ ଖଟୁଆ, ବିଭୂତିଭୂଷଣ ପାତ୍ରୀ, ପ୍ରତ୍ୟୁଷ ସାହୁ, ଇଟାଲୀ ନାୟକ ଓ ଗାଇଡ୍ ଛାତ୍ରୀ ଅର୍ଚ୍ଚିତା ମହାପାତ୍ର, ଶ୍ରୀୟା ଶାଳିନା ରାଉତ, ସ୍ୱାଗତିକା ବେହେରା, ବିଶ୍ୱବାସିନୀ ବାରିକ, ଜ୍ୟୋତିପ୍ରିୟା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ରାସ୍ତା ଉପରର ପଥରଗଦା

**ହାଟଡିହୀ,୨୩।୩(ସମିସ)**

ହାଟଡିହୀ ବ୍ଲକ୍ ଅନ୍ତର୍ଗତ ଚେତନାକେନ୍ଦ୍ର ଛକ ଠାରୁ ପୂର୍ବ ଦିଗକୁ ବିଦ୍ୟାଧରପୁର ଓ ଉତ୍ତର ଦିଗରେ ହଦଗଡ଼କୁ ଲମ୍ବିଥିବା ରାସ୍ତାର ମଧ୍ୟସ୍ଥଳୀରେ ବଡ଼ ବଡ଼ ପଥର ଗଦା ରାସ୍ତା ଉପରେ ରହିଥିବାରୁ ପଥଚାରୀଙ୍କ ଗମନାଗମନରେ ଅନେକ ବାଧା ସୃଷ୍ଟି କରୁଛି। ଛୋଟ ବଡ଼ ଯାନବାହନ ସହିତ ସାଧାରଣତଃ ବାଇକ୍ ଆରୋହୀ ମାନଙ୍କ ପାଇଁ ରାସ୍ତା ଉପରର ଏହି ଟର୍ଣ୍ଣିଂ ପଏଣ୍ଟରେ ଥିବା ପଥରଗଦା ମରଣଯନ୍ତା ସଦୃଶ୍ୟ ମନେହେଉଛି। ହଦଗଡ଼ରୁ ବିଦ୍ୟାଧରପୁରକୁ ସଂଯୋଗ କରିଥିବା ଏହି ରାସ୍ତାରେ ପ୍ରତିଦିନ ବିଭିନ୍ନ ଆଡୁ ପର୍ଯ୍ୟଟକ ମାନେ ହଦଗଡ଼ ଠାରେ ଥିବା ସାଳନ୍ଦୀ ଡ୍ୟାମକୁ ବୁଲିବାକୁ ଆସୁଥିଲା ବେଳେ ସେଥିରୁ ଅନେକ ବାଇକ୍ ଆରୋହୀ ଏହି ପଥରଗଦା ପାଇଁ ଭାରସାମ୍ୟ ହରାଇ ଖଣ୍ଡିଆ ଖାବରା ହେଉଛନ୍ତି। ଏସବୁ ପଥର ରାସ୍ତା ଉପରେ କିଏ ଓ କାହିଁକି ଏପରି ଖୋଲମେଲାରେ ପକେଇଛି ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ତେବେ ଏଭଳି ଅଶୋଭନୀୟ କାର୍ଯ୍ୟ ପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ଏହାକୁ ହଟାଇବା ବ୍ୟବସ୍ଥା କରାଇଲେ ଆସନ୍ତାଦିନରେ ଅନେକ ଧନଜୀବନ ରକ୍ଷା ପାଇପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।



# ଚୈତ୍ରରେ ଲିମ୍ବ କଢ଼ିର ସବୁଠି ଆଦର





**ରାମଚନ୍ଦ୍ରପୁର,୨୩।୩(ସମିସ):** ଚୈତ୍ର ମାସ ଆସିବା ମାତ୍ରକେ ଲିମ୍ବ ଗଛ ଗୁଡିକରେ ସୁନ୍ଦର ସୁନ୍ଦର ଧଳା ଧଳା କଢି ଓ ଫୁଲର ଆସର ଦେଖିବାକୁ ମିଳିଥାଏ। ଲିମ୍ବର ସ୍ୱାଦ ସହିତ ଆମେ ସମସ୍ତେ ଜଡିତ, କିନ୍ତୁ ଲିମ୍ବ କଢି ବା ଫୁଲ ସେବନ କରିବା ଦ୍ୱାରା ସ୍ୱାସ୍ଥ୍ୟକୁ ଅନେକ ଲାଭ ମିଳିଥାଏ। ହଁ ଆଜ୍ଞା ଆୟୁର୍ବେଦ ଓ ପାରମ୍ପରିକ ଚିକିତ୍ସା ବ୍ୟତୀତ ଅନେକ ଗବେଷଣା ସମୟରେ ବୈଜ୍ଞାନିକ ମାନେ ଏହି ଅମୃତ ଔଷଧିର ସ୍ୱାସ୍ଥ୍ୟଗତ ଲାଭ ବିଷୟରେ ଅନେକ କଥା ଦର୍ଶାଇଛନ୍ତି। ଭାରତର ମୂନି ଋଷି ତଥା ବେଦରେ ମଧ୍ୟ ଲିମ୍ବକୁ ସର୍ବ ରୋଗ ନିବାରଣୀ ବୋଲି ବର୍ଣ୍ଣନା କରାଯାଇଛି। ଲିମ୍ବଗଛ ଯେଉଁଠି ରହିଥାଏ ତାର ଚତୁପାଶ୍ୱର୍ର ବାତାବରଣ ବିଶୁଦ୍ଧ ରହିଥାଏ। ବିଶେଷ ଭାବେ ରାସ୍ତାକଡ ଏବଂ ଗାଁ ଗହଳି ମାନଙ୍କରେ ଏବେ ଲିମ୍ବକଢର ସମ୍ଭାର ଦେଖିବାକୁ ମିଳିଲାଣି। ଏହାର ଫୁଲ କଢ ବ୍ୟତିତ, ପତ୍ର, ଡାଳ, ଛେଲି ଅନେକ ରୋଗକୁ ଦୂର କରିବାର କାମ କରିଥାଏ। ଲିମ୍ବ ଆଣ୍ଟି ଇନ୍ଫ୍ଲାମେଟ୍ରି ଓ ଆଣ୍ଟି ବ୍ୟାକ୍ଟେରିଆରେ ଭରପୁର ଅଟେ। ଏହାଛଡା ଏଥିରେ ଭିଟାମିନ ସି'ର ଭଲ ସ୍ରୋତ ରହିଛି। ଏହାକୁ ସେବନ କରିବା ଦ୍ୱାରା ଟକ୍ସିନ ଶରୀରରୁ ମିଳିବାରେ ସାହାଯ୍ୟ ମିଳିଥାଏ। ଏହା ରକ୍ତ ସଫା କରି ଶରୀରରେ ରକ୍ତ ସଂଞ୍ଚାଳନ ପ୍ରବାହ ବୃଦ୍ଧି କରିଥାଏ। ଯେତେବେଳେ ଶରୀର ଡିଟକ୍ସିଫାଇ ହୋଇଥାଏ ସେତେବେଳେ ତ୍ୱଚା ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଥାଏ। ଲିମ୍ବରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫାଙ୍ଗାଲ ଓ ଆଣ୍ଟି ଭାଇରଲ ପ୍ରପର୍ଟିଜ ସଂକ୍ରମଣରୁ ରକ୍ଷା କରିବା ସହିତ ସର୍ଦି କାଶ ଠାରୁ ଦୁରେଇ ରଖିଥାଏ। ଲିମ୍ବ ଫୁଲ ସହିତ ଲିମ୍ବ ପତ୍ର ମଧ୍ୟ ଇମ୍ୟୁନିଟି ବୁଷ୍ଟର ଅଟେ। ପାଚନ ସମସ୍ୟାକୁ ଠିକ କରିଥାଏ ଲିମ୍ବ ପତ୍ର। ଲିମ୍ବ ପ୍ରକୃତିରେ ଥଣ୍ଡା ହୋଇଥିବାରୁ ଏସିଡିଟି, ଛାତିରେ ଜ୍ୱଳନ, ପାଚନରେ ସୁଧାର ଆଣିଥାଏ। ଲିମ୍ବ ପତ୍ର ପାଚନ ତନ୍ତ୍ରରୁ ହାନିକାରକ ବିଷାକ୍ତ ପଦାର୍ଥକୁ ବାହାର କରି ପେଟକୁ ସଫା ରଖିବାରେ ସାହାଯ୍ୟ କରିଥାଏ। ମଧୁମେହ ରୋଗ ପାଇଁ ଲିମ୍ବ ରାମବାଣ ସଦୃଶ ଅଟେ। ଗୋଟିଏ ଅଧ୍ୟୟନରୁ ଜଣା ପଡିଛି ଯେ ନିୟମିତ ଖାଲି ପେଟରେ ଲିମ୍ବପତ୍ର ସେବନ କରିବା ଦ୍ୱାରା ମଧୁମେହ ରୋଗୀଙ୍କୁ ଇନ୍‌ସୁଲିନ ନେବାର ଆବଶ୍ୟକତା ନାହିଁ। ମଧୁମେହ ସମସ୍ୟା ୫୦ ପ୍ରତିଶତ ପର୍ଯ୍ୟନ୍ତ ଠିକ ହୋଇଥାଏ। ଲିମ୍ବରେ ଆଣ୍ଟିସେପ୍ଟିକ ଗୁଣ ରହିଛି। ଯଦି ଆପଣ ବ୍ରଣ ଓ ଅନ୍ୟାନ୍ୟ ତ୍ୱଚା ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଲିମ୍ବପତ୍ରକୁ ବାଟି ତ୍ୱଚାରେ ଲଗାଇବା ଦ୍ୱାରା ତାହା ଠିକ ହୋଇଯାଇ। ଏତେ ସବୁ ଉପକାରରେ ଆସୁଥିବା ଗଛକୁ ଅଣଦେଖା ନକରି ଅନ୍ତତଃ ପକ୍ଷେ ନିଜ ଘର ଅଗଣା ଏବଂ ବାଡି ବଗିଚାରେ ନିହାତି ଗୋଟିଏ କିମ୍ବା ଦୁଇଟି ଲିମ୍ବ ଗଛ ଲଗାଇବା ଜରୁରି ବୋଲି ପରାବେଶବିତ୍ ମାନେ ମତ ଦିଅନ୍ତି।

ସକାଳ THE SAKALA



# ଗୋ ଚାଲାଣକାରୀଙ୍କ ଚରାଭୂଇଁ ବାସୁଦେବପୁର-ବାଲେଶ୍ୱର ସଲ୍ଟ ରୋଡ୍

**ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ୧୦ ଗୋରୁ ଉଦ୍ଧାର**

**ବାହାନଗା, ୨୩।୩(ସମିସ) :** ଗୋ ଚାଲାଣକାରୀଙ୍କ ଚରାଭୂଇଁ ପାଲଟିଛି ବାସୁଦେବପୁର ବାଲେଶ୍ୱର ସଲ୍ଟ ରୋଡ଼। ଗୋପାଳପୁର ଥାନା ସାହାସପୁରା ଏବଂ ଭଦ୍ରକ ଅଞ୍ଚଳରୁ ପ୍ରତିଦିନ ଏହି ରାସ୍ତା ଦେଇ ୧୦ରୁ ଉର୍ଦ୍ଧ ଗାଡ଼ିରେ ଅମାନୁଷିକ ଭାବେ ଗୋ ଚାଲାଣ ହେଉଛି। ବିଳମ୍ବିତ ରାତ୍ରି ଏବଂ ସ୍ୱଷ୍ଟ ଦିବାଲୋକରେ ମଧ୍ୟ ଗୋ ଚାଲାଣ ହେଉଥିବା ବେଳେ ପୁଲିସର ନିଷ୍କ୍ରିୟତା ପଦାରେ ପଡ଼ିଛି। ଗତ ଗୁରୁବାର ଏକ ପିକଅପ ଭ୍ୟାନରେ ଅମାନୁଷିକ ଭାବେ ଗୋ ଚାଲାଣ ହେଉଥିବା ବେଳେ ଗୋପାଳପୁର ଥାନା ପୁଲିସ ୧୦ ଗୋରୁଙ୍କୁ ଉଦ୍ଧାର କରିଥିବା ବେଳେ ଗାଡ଼ିକୁ ଜବତ କରିଛି।

ଖବର ଅନୁସାରେ ଗୋପାଳପୁର ଥାନା ସମ୍ମୁଖ ଦେଇ ପ୍ରତିଦିନ ବେଆଇନ ଗୋରୁ ବୋଝେଇ ଗାଡ଼ି ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ପୁଲିସ ଏହାକୁ ରୋକିବାରେ ବିଫଳ ହେଉଛି। ଭଦ୍ରକ ବାସୁଦେବ ଅଞ୍ଚଳରୁ ଆସୁଥିବା ଗୋରୁ ବୋଝେଇ ଗାଡ଼ି ଗୁଡିକ କେବଳ ଗୋପାଳପୁର ଥାନା ନୁହଁ, ଅନନ୍ତପୁର ଫାଣ୍ଡି, ବାଲେଶ୍ୱର ଟାଉନ ଥାନା ସହ ଜାତୀୟ ରାଜପଥରେ ଥିବା ଥାନା ମାନଙ୍କୁ ଅତିକ୍ରମ କରିଯାଉଛି। ଜିଲ୍ଲା ପୁଲିସ ସବୁ ଜାଣି ଶୁଣି ନିରବ ରହୁଥିବା ଚର୍ଚ୍ଚା ହେଉଛି। ଗୋରୁ ମାଫିଆମାନେ ଗୋରୁ ସମେତ ଷଣ୍ଢଙ୍କୁ ମଧ୍ୟ ରାସ୍ତାରୁ ଉଠାଇ ନେଇ ଚାଲାଣ କରୁଛନ୍ତି। ସେପଟେ ଜାତୀୟ ରାଜପଥଠାରୁ ଗ୍ରାମ୍ୟ ରାସ୍ତାରୁ ବହୁ ସମୟରେ ଗୋ ସୁରକ୍ଷା ବାହିନୀ ଗୋରୁ ବୋଝେଇ ଗାଡ଼ିକୁ ଧରି ପୁଲିସକୁ ଦେଉଥିବା ବେଳେ ପୁଲିସ ଟେର ନପାଇବା ସୁରକ୍ଷା ବ୍ୟବସ୍ଥାର ଢ଼ିଲାପଣକୁ ପଦାରେ ପକାଇଛି। ଗତ ଗୁରୁବାର ସକାଳେ ଗୋପାଳପୁର ଥାନା ସାହାସପୁରାରୁ ପଶ୍ଚିମବଙ୍ଗକୁ ଏକ ପିକଅପଭ୍ୟାନରେ ବେଆଇନ ଗୋ ଚାଲାଣ ହେଉଥିବା ବେଳେ ପୁଲିସ ଗୋପାଳପୁରରୁ ପିକଅପକୁ ଜବତ କରିବା ସହ ପିକଅପରେ ଅମାନୁଷିକ ଭାବେ ବନ୍ଧା ଯାଇଥିବା ୧୦ ଟି ଗୋରୁଙ୍କୁ ଉଦ୍ଧାର କରି ବାମପଦା ସ୍ଥିତ ମା ଭାରତୀ ଗୋଶାଳାରେ ଛାଡ଼ିଥିବା ବେଳେ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଅନ୍ୟପଟେ ସାହାସପୁରା ଅଞ୍ଚଳରୁ ପ୍ରତିଦିନ ୫ରୁ ଅଧିକ ଗାଡ଼ିରେ ଚାଲାଣ ହେଉଥିବା ବେଳେ ପୁଲିସ ଏହାକୁ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଗୋରୁ ଗାଡ଼ି ଜବତ, ଜଣେ ଗିରଫ

**ସୋର, ୨୩।୩ (ସମିସ):** ସୋର ପୁଲିସ ପକ୍ଷରୁ ଗତକାଲି ବିଳମ୍ବିତ ରାତିରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଅସିମିଳା ଛକ ନିକଟରେ ଚଢ଼ଉ କରାଯାଇ ଦୁଇଟି ପିକଅପ ଭ୍ୟାନ ଜବତ କରାଯିବା ସହିତ ୩୮ ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଗତକାଲି ରାତିରେ ଦୁଇଟି ପିକଅପରେ ବେଆଇନ ଭାବେ ବେଲପୁରରୁ ପଶ୍ଚିମବଙ୍ଗକୁ ଗୋରୁ ଚାଲାଣ ହେଉଥିବାର ଖବର ପାଇ ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏସଆଇ ଶୁଭସ୍ମିତା ପାଲ, ଏଏସଆଇ ନନ୍ଦକିଶୋର ବିଶ୍ୱାଳ, କେଶବ ଚନ୍ଦ୍ର ବେଶ୍ରା, କନେଷ୍ଟବଳ ରାଜେନ୍ଦ୍ର ହାଁସଦା, ମାହା ହେମ୍ରମ, ଜୟସେନ ମୁଦୁଲି ପ୍ରମୁଖ ଅସିମିଳା ଛକ ନିକଟରେ ଚଢ଼ଉ କରିଥିଲେ। ପରେ ଉକ୍ତ ଗାଡିରେ ୩୮ ଟି ଗୋରୁ ବେଆଇନ ଭାବେ ଚାଲାଣ ହେଉଥିବା ଜାଣିପାରି ଗାଡି ଦୁଇଟିକୁ ଜବତ କରି ଥାନାରେ ରଖିବା ସହିତ ୩୬ଟି ଗୋରୁଙ୍କୁ ଉଦ୍ଧାର କରି ମଇତାପୁର ଗୋଶାଳାରେ ଛଡା ଯାଇଥିବା ଜଣାପଡ଼ିଛି। ଅନ୍ୟ ଦୁଇଟି ଗୋରୁ ମୃତ୍ୟୁବରଣ କରିଥିବା ପୁଲିସ ସୂଚନା ଦେଇଛି। ଏହି ଚଢ଼ଉ ସମୟରେ ଅନ୍ୟମାନେ ଖସି ଯାଇଥିବା ବେଳେ ବେଲପୁର ଗ୍ରାମରଏସକେ ସଲ୍ଲାମୁଦ୍ଦିନକୁ ପୁଲିସ କାବୁ କରି ଥାନାରେ ଅଟକ ରଖିଥିଲେ। ଏ ବାବଦରେ ପୁଲିସ ୨୪୦/୨୪ରେ ଏକ ମାମଲା ରୁଜୁ କରି ଆଜି ଅପରାହ୍ଣରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ସାମ୍ବାଦିକଙ୍କ ବିରୋଧରେ ଦାଏର ମାମଲା ପ୍ରତ୍ୟାହାର ଦାବି

**● ଉତ୍କଳ ସାମ୍ବାଦିକ ସଂଘର ବାଲେଶ୍ୱର ଶାଖା ପକ୍ଷରୁ ଦାବିପତ୍ର**




**ବାଲେଶ୍ୱର/ଖନ୍ତାପଡ଼ା, ୨୩।୩(ସମିସ):** ବାଲେଶ୍ୱର ଜିଲ୍ଲାର ଖନ୍ତାପଡ଼ା ଥାନାରେ ସାମ୍ବାଦିକ ବିରୁଦ୍ଧରେ ମାମଲା ଦାଏର ଘଟଣାକୁ ବାଲେଶ୍ୱର ଜିଲ୍ଲାର ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ବାଲେଶ୍ୱର ଜିଲ୍ଲା ଶାଖା କୋଷାଧ୍ୟକ୍ଷ ପ୍ରଫୁଲ୍ଲ ସାମନ୍ତରାୟ, ବରିଷ୍ଠ ସଦସ୍ୟ ସନ୍ଦୀପ ପଣ୍ଡା ଓ ପ୍ରାଣକୃଷ୍ଣ ମଲ୍ଲିକ ନାମରେ ଖନ୍ତାପଡ଼ା ଥାନା ପକ୍ଷରୁ ୧୦୭ ମିଥ୍ୟା ମକଦ୍ଦମା କରାଯାଇଛି। ଜଣେ ସାମ୍ବାଦିକ ସକାଳୁ ହେଲେ ନିଜ ପରିବାରକୁ ଭୁଲି ଯାଇ ଯେତେବେଳେ ଘରୁ ବାହାରି ଲୋକ ମାନଙ୍କର ସମସ୍ୟାକୁ ନେଇ ଗଣମାଧ୍ୟମରେ ଲୋକ ଲୋଚନକୁ ଆଣୁଛି। ବିନା ତଦନ୍ତରେ ଖନ୍ତାପଡ଼ା ଥାନା ଅଧିକାରୀ ତିନି ଜଣ ସାମ୍ବାଦିକ ଉପରେ ମକଦ୍ଦମା କରିଥିବାର ଜଣାପଡ଼ିବା ପରେ ସଂଘ ପକ୍ଷରୁ ଏହାକୁ ବିରୋଧ କରାଯିବା ସହିତ ସଦସ୍ୟ ମାନଙ୍କ ନାମରେ ହୋଇଥିବା ମକଦ୍ଦମାରୁ ନାମକୁ ବାଦ କରିବା ପାଇଁ ବାଲେଶ୍ୱର ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପି ଓ ସଦର ଏସଡିପିଓଙ୍କୁ ସଂଘର ସଭାପତି ଲୋକନାଥ ଦଳେଇଙ୍କ ନେତୃତ୍ୱରେ ସଦସ୍ୟ ମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଏସପି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା କମଳ ଲୋଚନ ଆଚାର୍ଯ୍ୟ, ଗଗନ ସେଠୀ, ସଙ୍ଗଠନ ସମ୍ପାଦକ ଭଗବାନ ଦାସ, ସହସମ୍ପାଦକ ସଞ୍ଜୟ ସାମନ୍ତ, କାର୍ଯ୍ୟାଳୟ ସମ୍ପାଦକ ସୁଦୀପ୍ତ ମହାନ୍ତି, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ସାମନ୍ତ, ଉପସଭାପତି ଜୀବନକୃଷ୍ଣ ବାରିକ, କପିଳ ସାମଲ, ନିହାର ଜେନା, ଲୋକନାଥ ପରିଡ଼ା, ସନ୍ଦୀପ ପଣ୍ଡା, ଶିଶିର ରାଏ, ପ୍ରାଣବନ୍ଧୁ ମଲ୍ଲିକ, ବିନୋଦ ବାରିକ, ମାନସ ବେଚ, ପ୍ରଶାନ୍ତ ବେହେରା, ଗଜେନ୍ଦ୍ର ମହାଳିକ, ବିରେନ୍ଦ୍ର ରାଉତ, ପୂର୍ଣ୍ଣ ଚନ୍ଦ୍ର ବେହେରା, ସୁଧାଂଶୁ ଶେଖର ବାରିକ, କାର୍ତ୍ତିକ ପୁଥାଳ, ଅନନ୍ତ ମଲ୍ଲିକ ସମେତ ବହୁ ସଦସ୍ୟମାନେ ଉପସ୍ଥିତ ଥିଲେ।

## ୫ଦିନ ଧରି ଝାଡ଼ଖଣ୍ଡୀ ହାତୀଙ୍କ ଉପଦ୍ରବ

**ଜଳେଶ୍ୱର ବ୍ଲକ, ୨୩।୩ (ସମିସ) :** ଚଳିତ ମାର୍ଚ୍ଚ ମାସରେ ଶିମିଳିପାଳ ଓ ଝାଡଖଣ୍ଡୀ ହାତୀ ଦୀର୍ଘଦିନ ଧରି ରାଇବଣିଆର ବିଭିନ୍ନ ସ୍ଥାନରେ କ୍ଷତି ଘଟାଇ ଚାଲିଛନ୍ତି। ଗତ ଶୁକ୍ରବାର ସଂଧ୍ୟାରେ ୬୫ଟି ଝାଡଖଣ୍ଡି ହାତୀ ପଶ୍ଚିମବଂଗକୁ ଚାଲି ଯାଇଥିବା ବେଳେ ଆଜି ସକାଳେ ପୁଣି ପହଞ୍ଚିଛନ୍ତି। ହାତୀଯୋଗୁଁ ରାଇବଣିଆରେ ବିଦ୍ୟୁତ୍ ସରବରାହ ବନ୍ଦ ରହିବା ଏବଂ ହାତୀ ଭୟରେ ସଞ୍ଜ ବାଜିଲେ ତାଟି କବାଟ ପଡ଼ି ଯାଉଛି। ଅନ୍ୟପକ୍ଷରେ ଧାନଚାଷ ସହିତ ଅନ୍ୟ କେତେକ ଚାଷର ବ୍ୟାପକ କ୍ଷତି ଘଟାଇ ଚାଲିଛନ୍ତି। ଶୁକ୍ରବାର ସଂଖ୍ୟାରେ ୪ଦିନ ଧରି କ୍ଷତି ଘଟାଇ ଆସୁଥିବା ଝାଡଖଣ୍ଡୀ ହାତୀକୁ ରାଇବଣିଆର ଜଂଗଲ ବିଭାଗ ପଶ୍ଚିମବଂଗଳାକୁ ଘଉଡାଇ ଦେଇଥିଲେ। ସବୁଯାକ ହାତୀ କେଶରେଖା ରେଞ୍ଜର ଦୋଳଗାଁ ଜଙ୍ଗଲକୁ ଚାଲି ଯାଇଥିଲେ। ଦୀଘ ୪ଦିନ ଧରି ବହୁ ଗ୍ରାମବାସୀ ଗଜ ସାଥି, ବଦନବିଭାଗ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ହାତୀଗୁଡିକୁ ଘଉଡାଇ ଦିଆଯାଇଥିଲା। କିନ୍ତୁ ଆଜି ସକାଳେ ସେହି ୬୫ଟି ହାତୀ ପୁଣି ସୁଖାଯୋଡି ଜଂଗଲ ଅଞ୍ଚଳରେ ଦେଖିବାକୁ ମିଳିଛି। ହାତୀଗୁଡିକ କାଲାଯୋଡି, ସୁଖଯୋଡି, ବାଡଡିହୀ, ଆଞ୍ଚଶୋଳ, ଶ୍ୟାମନଗର, ସର୍ଦ୍ଧାରବନ୍ଧ ଅଞ୍ଚଳରେ ବୁଲୁଥିବାରୁ ସେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ହାତୀଗୁଡିକ ଚାଷଜମିକୁ ଦଳି ପକାଇଥିବାରୁ ବ୍ୟାପକ କ୍ଷତି ଘଟିଛି। ଆଜି ସଂଧ୍ୟାରେ ଏସଏଫ ଜୟଶ୍ରୀ ମୁର୍ମୁ, ଅବୈତନିକ ବନ୍ୟସଂରକ୍ଷକ ଅଶ୍ୱନୀ ଦାସ, ଫରେଷ୍ଟର ପ୍ରହଲ୍ଲାଦ ନାୟକଙ୍କ ସହିତ ହାତୀସାଥିର ଅମରେଶ ଦାସ, ସୁରେଶ ଦାସ, ଶିବୁ ମହାନ୍ତି, ପରେଶ ସିଂ, ଉଜ୍ଜଳ ଦାସ, ନିମାଇଁ ବେହେରା, ହରେକୃଷ୍ଣ ବେହେରା ପ୍ରମୁଖ ପୁଣି ହାତୀ ଘଉଡାଇବା ଲାଗି ପ୍ରସ୍ତୁତ ହୋଇ ରହିଛନ୍ତି। ହାତୀ ଚଳିତ ମାର୍ଚ୍ଚ ମାସରେ ଶିମିଳି ପାଳରୁ ଆସି ବ୍ୟାପକ କ୍ଷତି ଘଟାଇଥିଲା। ଏକ ଗୋଠ ଖଣ୍ଡିଆ ଦନ୍ତା ଓ ଅନ୍ୟ ଦଳରେ ଥିବା ୯ଟି ହାତୀ ବାରମ୍ବାର ଶିମିଳିପାଳରୁ ଆସି ରାଇବଣିଆ ଅଞ୍ଚଳରେ କ୍ଷତି ଘଟାଇ ଚାଲିଛନ୍ତି। ଏ ଗୁଡିକ ବିଶେଷ ହିଂସ୍ର ହୋଇନଥିବା ବେଳେ ଝାଡଖଣ୍ଡୀ ହାତୀ ଅଧିକ ଉଗ୍ର। ରାତିରେ ବିଜୁଳି କାଟ ଯୋଗୁଁ ଅନ୍ଧାରରେ ସାଧାରଣ ଲୋକେ ବହୁ ହଇରାଣ ହରକତ ହେଉଛନ୍ତି। ଗରିବ ଆଦିବାସୀମାନେ ଗାଁରେ ଅନ୍ୟ ଲୋକଙ୍କ ପକ୍କାଘରେ ଆଶ୍ରୟ ନେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ଲାଗି ରାଇବଣିଆର ବହୁ ନେତୃମଣ୍ଡଳି ଦାବି କରିଛନ୍ତି।

## ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ଶବ ଉଦ୍ଧାର

**ଜଳେଶ୍ୱର ବ୍ଲକ, ୨୩।୩ (ସମିସ) :** ଆଜି ଦ୍ୱି ପ୍ରହରରେ ଜଳେଶ୍ୱର ଥାନା ଅନ୍ତର୍ଗତ ମହମ୍ମଦନଗରପାଟଣାର କୁବାଡିଆ ନିକଟସ୍ଥ ତୋଟାପଡ଼ିଆଠାରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଆବାସସ୍ଥଳୀର ପମ୍ପ ହାଉସ୍ ଭିତରୁ ଜଣେ ଯୁବକଙ୍କ ମୃତଶରୀରକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସୁନିଲ ନାମକ ଜଣେ କାଠକଟାଳି ଯୁବକ ଦୀର୍ଘ ୧୫ବର୍ଷ ଧରି ସେଠାରେ ରହିଆସୁଥିଲା। କେତେକେବେ ନିକଟରେ ଥିବା ଧିରେନ ସରେନ୍‌ଙ୍କ ଘରେ ଖିଆପିଆ କରୁଥିଲା। କାଲି ରାତିରୁ ସେ ଫେରିନଥିବାରୁ ଧିରେନ୍‌ର ସ୍ତ୍ରୀ ଆଜି ସକାଳେ ଖୋଜାଖୋଜି କରିଥିଲା। ଶେଷରେ ପମ୍ପ ହାଉସ୍‌ର କବାଟ ଭିତରପଟୁ ବନ୍ଦ ଥିବାରୁ ମହିଳା ଜଣକ ସନ୍ଦେହ କରି କବାଟ ତାଡି ଫିଟେଇଥିଲା। ଝୁଲନ୍ତା ଅବସ୍ଥାରେ ସୁନିଲକୁ ଦେଖି ଫାସି ଲୁଗାକୁ କାଟିଦେବାରୁ ତାର ମୃତଶରୀର ତଳେ ପଡ଼ିଯାଇଥିଲା। ଏ ସମ୍ପର୍କରେ ସରପଞ୍ଚ ଅରୁଣ ସେନାପତି ଖବର ପାଇ ଘଟଣାସ୍ଥଳକୁ ଯାଇଥିଲେ ଓ ଜଳେଶ୍ୱର ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

## ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ପରଲୋକ



**ଭୋଗରାଇ, ୨୩।୩ (ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ସ୍ୱାମୀ ସ୍ୱରୂପାନନ୍ଦ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁବଲ ଚନ୍ଦ୍ର ସାହୁଙ୍କ ୬୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର ଗ୍ରାମର କୃଷ୍ଣପ୍ରସାଦ ସାହୁଙ୍କ ପୁତ୍ର ସୁବଲ ଜଣେ ବିଦ୍ୱାନ ହିନ୍ଦୀ ଶିକ୍ଷକ ଭାବେ ସମଗ୍ର ଜିଲ୍ଲାରେ ସୁନାମ ଅର୍ଜନ କରିଥିଲା ବେଳେ ଜଣେ ଆଦର୍ଶ ଶିକ୍ଷକ ଭାବେ ନିଜ ଅଞ୍ଚଳରେ ପରିଚିତ ଥିଲେ। ହିନ୍ଦୀ ଭାଷା ଶିକ୍ଷାଦାନ ସହିତ ଏହାର ପ୍ରଚାର ପ୍ରସାରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୪ ମସିହା ରାଷ୍ଟ୍ରୀୟ ହିନ୍ଦୀ ଦିବସ ଅବସରରେ ତାଙ୍କୁ ବାଲେଶ୍ୱର ଜିଲ୍ଲାର ଶ୍ରେଷ୍ଠ ହିନ୍ଦୀ ଶିକ୍ଷକ ଭାବେ ପୁରସ୍କୃତ କରାଯାଇଥିଲା। ଅବସର ପରେ ନିଜ ଗାଁରେ ରହୁଥିଲା ବେଳେ କୌଣସି ଏକ କାର୍ଯ୍ୟରେ ରାଉରକେଲା ଯାଇ ସେ ଆତ୍ମୀୟଙ୍କ ଘରେ ରହିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଶୌଚାଳୟରେ ତାଙ୍କ ପାଦ ଖସିଯାଇଥିଲା ଏବଂ ସେ ଚେତାଶୂନ୍ୟ ହୋଇ ସେଠାରେ ପଡ଼ିଯାଇଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଆରଜିଏଚ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସମଗ୍ର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଶନିବାର ସନ୍ଧ୍ୟାରେ ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଅତ୍ୟନ୍ତ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଭୋଗରାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ତଥା ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ପଙ୍କଜାକ୍ଷ ପଣ୍ଡା, ସାମ୍ବାଦିକ ବିଶ୍ୱମ୍ବର ଦାସ ଅଧିକାରୀ, କବିୟତ୍ରୀ ଗୀତିମାଧୁରୀ ପଣ୍ଡା, ସମାଜସେବୀ ଦୁର୍ଗାଚରଣ ସାହୁ, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ହୀରାଚାନ୍ଦ ଦାସ, ସରପଞ୍ଚ ରାଜୀବ କୁମାର ଘୋଷ, ପଞ୍ଚାୟତ ସମିତି ସଦସ୍ୟା ସସ୍ମିତା ସାହୁଙ୍କ ସମେତ ସମସ୍ତ ୱାର୍ଡମେମ୍ବର, ବହୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଏହାସହିତ ତାଙ୍କ ମୃତ୍ୟୁରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଜେନ୍ଦୁ ବିକାଶ ପାତ୍ର, ଦକ୍ଷିଣ ଭୋଗରାଇ ଓଷ୍ଟା ସଭାପତି ଶ୍ରୀନିବାସ ପ୍ରଧାନ, ସମ୍ପାଦକ ନଟରଞ୍ଜନ ଘରାଇ, ଉତ୍ତର ଭୋଗରାଇ ଓଷ୍ଟା ସଭାପତି ଗୌରୀଶଙ୍କର ତ୍ରିପାଠୀ, ସମ୍ପାଦକ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖଙ୍କ ସହିତ ସଂଘ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ପାଠଚକ୍ର




**ଜଳେଶ୍ୱର ବ୍ଲକ, ୨୩।୩(ସମିସ) :** ଜଳେଶ୍ୱର ପୌରପାଳିକାସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଦ୍ୱାରା 'ସର୍ବ ଶାସ୍ତ୍ରୀ ମୟୀ ଗୀତା' ବିଷୟରେ ଏକ ପାଠଚକ୍ର ଆୟୋଜିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ମହାନ୍ତି ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣ ରଖିଥିଲେ। ମୁଖ୍ୟଅତିଥି ନଳବହାରସ୍ଥିତ ଜଗନ୍ନାଥ ମଠର ମହନ୍ତ ନୟାନ ନନ୍ଦ ସରସ୍ୱତୀ ଏଥିରେ ଯୋଗ ଦେଇ ବିଭିନ୍ନ ଶ୍ଳୋକ ମାଧ୍ୟମରେ ଭକ୍ତିଭାବ ଓ ପାଣ୍ଡିତ୍ୱ ପ୍ରତିପାଦନ କରିଥିଲେ। ବିଭାଗୀୟ ମୁଖ୍ୟ ଅଶୋକ କୁମାର ରଥ ଓ ସହକାରୀ ଅଧ୍ୟାପକ ନିରଞ୍ଜନ ପରିଡ଼ା ନିଜର ସନ୍ଦର୍ଭ ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ରାଜେଶ୍ୱରୀ ସାହୁ, ଅନିମା ବେହେରା, ରଞ୍ଜିତ ଜେନା, ଜୟନ୍ତୀ ସରେନ୍, ସୁଭଦ୍ରା ଦାସ, ମାନସୀ ଜେନା, ରଜତ ପଣ୍ଡା, ବିଷ୍ଣୁପଦ ନାୟକ ପ୍ରମୁଖ ସନ୍ଦର୍ଭପାଠ କରିଥିଲେ। ସୌମ୍ୟ ଜେନା ମଞ୍ଚ ଆହ୍ୱାନ କରିଥିବା ବେଳେ ଶୁଭଶ୍ରୀ ଦାସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବାରାପାଳରେ ରାଧାକୃଷ୍ଣଙ୍କ ବାର୍ଷିକ ପୂଜୋତ୍ସବ



**ରୂପସା, ୨୩।୩ (ସମିସ):** ବସ୍ତା ବ୍ଲକ ରାଉତପଡ଼ା ପଞ୍ଚାୟତ ଉପର ବାରାପାଳ ଗ୍ରାମରେ ୪ ଦିନ ବ୍ୟାପୀ ଅନୁଷ୍ଠିତ ରାଧାକୃଷ୍ଣଙ୍କ ବାର୍ଷିକ ପୂଜୋତ୍ସବ ଏବଂ ହରିବଂଶ ପଠନ ଉଦଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଗ୍ରାମବାସୀମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଘଟୋତ୍ତଳନ କରି ମଣ୍ଡପ ନିକଟରେ ପହଁଚିବା ପରେ ଅଧିବାସ ପୂର୍ବକ ପ୍ରାରମ୍ଭରେ ଗ୍ରାମଦେବତୀ ମା'ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଯଥା ରୀତି ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ଗୋପାଳ ଚନ୍ଦ୍ର ଦାଶଙ୍କ ପୌରହିତ୍ୟରେ ୪ଦିନ ରାଧାକୃଷ୍ଣଙ୍କ ଠାରେ ବିଧି ମୁତାବକ ପୂଜାପାଠ ସହ ହରିବଂଶ ପଠନ କରାଯାଇଥିଲା। ପ୍ରତିଦିନ ପ୍ରଭୁଙ୍କଠାରେ ଭୋଗ, ନୈବେଦ୍ୟ ଅର୍ପଣ ପୂର୍ବକ ସନ୍ଧ୍ୟା ଆରତୀ ସହ ଭଜନ, ସଂକୀର୍ତ୍ତନ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶୁକ୍ରବାର ରାତିରେ ପୂର୍ଣ୍ଣାହୁତି ପ୍ରଦାନ ପୂର୍ବକ ବିସର୍ଜନ ଦିଆଯାଇଥିଲା। ଗ୍ରାମ୍ୟକମିଟି କର୍ମକର୍ତ୍ତା ଲକ୍ଷ୍ମୀଧର ପତି, ମୃତ୍ୟୁଞ୍ଜୟପାଣିଗ୍ରାହୀ, ଧନଞ୍ଜୟତ୍ରିପାଠୀ, ପ୍ରଫୁଲ୍ଲ ନାୟକ, ରାମଚନ୍ଦ୍ର ଯେନା, ମନୋଜ ପାଣିଗ୍ରାହୀ, ଅମୀୟ ମହାନ୍ତିଙ୍କ ସମେତ ସମସ୍ତ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## କାଳବୈଶାଖୀରେ ଚାଷର କ୍ଷୟକ୍ଷତି ବୁଲି ଦେଖିଲେ

**ଦହମୁଣ୍ଡା/ଭୂଷଣ୍ଡେଶ୍ୱର, ୨୩।୩ (ସମିସ):** ଭୋଗରାଇ ବ୍ଲକର ସମଗ୍ର ଅଞ୍ଚଳରେ ଗତ ଦୁଇଦିନ ଧରି ଅଦିନିଆ ପ୍ରବଳ ବର୍ଷା ହେବା ଫଳରେ ବ୍ୟାପକ ରବି ଫସଲ ନଷ୍ଟ ହୋଇଛି। ଏଥିରେ ଚାଷୀ ମାନେ କ୍ଷତିଗ୍ରସ୍ତ ହେଇଛନ୍ତି। ଏ ବାବଦରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଆଜି ଏଠାରେ ପହଞ୍ଚି ଦୁଡୁପଲ, ନାଚିନ୍ଦା, ଖରଦପିପଳ, ଆରୁହାବୃତ୍ତି, ଗବଗାଁ, କୁଶୁଡା, ପୁଟିଣା, ନହରା, ବାଲିମ, ମହାଗବ, ଗୁଣସାର୍ଥା, ସିଆଁରୋଇ, ବାଉଁଶଡିହାଁ, କମର୍ଦ୍ଦା, କଟୁଆଡି, ଇତ୍ୟାଦି ପଞ୍ଚାୟତର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ସହିତ ଚାଷୀ ମାନଙ୍କ ସହିତ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ତୁରନ୍ତ କୃଷି ବିଭାଗ ଓ ରାଜସ୍ୱ ବିଭାଗ ତରଫରୁ କ୍ଷତିଗ୍ରସ୍ତ ଫସଲର ଆକଳନ କରି ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ସଭାପତି ଦାବି କରିବେ ବୋଲି କହିଥିଲେ। ଏହି ପ୍ରତିନିଧି ଦଳରେ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ଉପସଭାପତି କୌଶିକ ଚାନ୍ଦ, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ କୈଳାଶ ଚନ୍ଦ୍ର ବାରିକ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ସୁବୋଧ ଚନ୍ଦ୍ର ପଣ୍ଡା, ଅଜିତ୍ ଚାନ୍ଦ, ପ୍ରଦୀପ କୁମାର ଦୋ, ଜ୍ଞାନ ଚନ୍ଦ୍ର ପାଲ, କମଳାକାନ୍ତ ଜେନା, ଜନ୍ମଜୟ ପରମାଣିକ, ନବୀନ କୁମାର ମଣ୍ଡଳ, ଗୌତମ କୁମାର ଭଞ୍ଜ, ଅଜୟ କୁମାର ସାହୁ, ପ୍ରାଣବନ୍ଧୁ ସାହୁଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ।

## ଗୋପବନ୍ଧୁ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଦହମୁଣ୍ଡା, ୨୩।୩(ସମିସ):** ପିଲାମାନଙ୍କର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ନିମନ୍ତେ ସ୍କୁଲ ଜୀବନ ହିଁ ପ୍ରକୃଷ୍ଟ ସମୟ ଓ ପିଲାମାନଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ ସହ ବିଦ୍ୟାର୍ଥୀଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଏକ ପ୍ରକୃଷ୍ଟ ମଞ୍ଚ। ଏହି ମଞ୍ଚ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରି ଅନ୍ୟକୁ ପ୍ରେରଣା ଦେଇଥାଏ ବୋଲି ଆଜି ଗୋପବନ୍ଧୁ ଶିଶୁ ବିଦ୍ୟାମନ୍ଦିରର ୧୭ ତମ ବାର୍ଷିକ ଉତ୍ସବ ରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବକୁ ଏଫଏମ କଲେଜ ର ଅବସର ପ୍ରାପ୍ତ ଅଧ୍ୟକ୍ଷ ମଣିନ୍ଦ୍ର କୁମାର ଦାସମହାପାତ୍ର ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସୁରେନ୍ଦ୍ରନାଥ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ସେନାପତି, ମୁଖ୍ୟବକ୍ତା ଭାବେ କମର୍ଦ୍ଦା ର ପୂର୍ବତନ ସିଆରସିସି ରତନକୁମାର ଦତ୍ତ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ନରନାରାୟଣ ମିଶ୍ର, ଅଂଶୁମାନ ମହାନ୍ତି ଯୋଗଦେଇ ପିଲାଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଗୋପବନ୍ଧୁ ଶିଶୁବିଦ୍ୟା ମନ୍ଦିର ଆଜି ପ୍ରତ୍ୟେକ ଅଭିଭାବକ ମାନଙ୍କ ଠାରେ ପ୍ରିୟ ହୋଇ ପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଚନ୍ଦନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ପ୍ରଧାନଶିକ୍ଷକ ଚନ୍ଦନ କୁମାର ଦତ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ, ଏବଂ ସମ୍ପାଦକ ଦିଲ୍ଲୀପ କୁମାର ପ୍ରଧାନ, ସହସମ୍ପାଦକ ସୁପ୍ରିୟା ପ୍ରଧାନ, ସହଯୋଗ କରିଥିଲେ। ଏହି ଅବସରରେ, କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପଦର୍ଶନ କରାଯାଇଥିଲା। ଶିକ୍ଷୟତ୍ରୀ ମାନସୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।




**ବାରିକପୁର ଶୁଖୁଆ ହାଟ**

## ଜମୁଛି ଗ୍ରାହକଙ୍କ ଭିଡ଼, ହାଟ ଉନ୍ନତିକରଣ ଦାବି

**ବାଲେଶ୍ୱର ଦକ୍ଷିଣ, ୨୩।୩(ସମିସ):** ଆମିଷ ମଧ୍ୟରେ ମାଛ ଓ ମାଂସ ଯେତିକି ଲୋକପ୍ରିୟ ଶୁଖୁଆର ମଧ ଏକ ଭିନ୍ନ ସ୍ୱାଦ ଓ ଭିନ୍ନ ପରିଚୟ ରହିଛି। ଓଡ଼ିଆଙ୍କ ପ୍ରିୟ ପଖାଳ ସହ ଶୁଖୁଆ ଥିଲେ ଭାତ ଆପେ ଆପେ ଉଠିଯାଏ। ଓଡ଼ିଶା ପ୍ରସିଦ୍ଧ ବାରିକପୁର ଶୁଖୁଆ ହାଟ। ବିଭିନ୍ନ ଅଞ୍ଚଳର ଗରାଖ ମାନେ ଭଳିକି ଭଳି ଶୁଖୁଆ କିଣିବା ପାଇଁ ଏହି ହାଟକୁ ଆସିଥାନ୍ତି। ବାଲେଶ୍ୱର ଜିଲ୍ଲା ବାହାନଗା ବାରିକପୁର ହାଟରେ ଶୁଖୁଆ ପାଇଁ ପ୍ରତ୍ୟେକ ସପ୍ତାହର ଶୁକ୍ରବାର ଏହି ହାଟ ବସିଥାଏ। ବହୁ ବର୍ଷ ଧରି ଏହି ଶୁଖୁଆ ମାର୍କେଟରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥାଏ। ଲୁଣି, ଅଳଣା, ଚିଙ୍ଗୁଡ଼ି, ଶିଳା, ପତିରି, ଟଙ୍କାରି, ଇଲିସି ଆଦି ବିଭିନ୍ନ ପ୍ରକାର ଶୁଖୁଆର ଚାହିଦା ରହିଥିବାର ଦୋକାନୀମାନେ କହିଛନ୍ତି। ଧାମରା, କଷାଫଳ, ବଳରାମଗଡ଼ି ଆଦି ବିଭିନ୍ନ ଅଞ୍ଚଳରୁ ଶୁଖୁଆ ଆଣି ବାରିକପୁର ହାଟରେ ବେପାରୀମାନେ ବିକ୍ରି କରିଥାନ୍ତି। ସବୁଠାରୁ ବଡ଼ କଥା ହେଲା ଶୁଖୁଆ, ଏଠାରେ ଦୁଇ ପ୍ରକାରର ଶୁଖୁଆ ରହିଛି। ଯଦି କେହି ଗ୍ରାହକ କମ ମୂଲ୍ୟରେ ନିଅନ୍ତି ତାହେଲେ କେମିକାଲ ମିଶାଯାଇଥିବା ଶୁଖୁଆ ନିଅନ୍ତି। ଯାହା ସ୍ୱାଦିଷ୍ଟ ଲାଗି ନଥାଏ। ଏହା ସହ ଆଉ କିଛି ଦାମୀ ଶୁଖୁଆ। ଯାହାର ମୂଲ୍ୟ ଟିକିଏ ଅଧିକ ଥାଏ କିନ୍ତୁ ଏହା ପାଟିକୁ ସ୍ୱାଦିଷ୍ଟ ଲାଗିବା ସହ ସ୍ୱାସ୍ଥ୍ୟ ପାଇଁ ମଧ ଭଲ ରହିଥାଏ। ଏଥି ସହିତ ବେପାରୀ ମାନେ ଅଧିକ ମୂଲ୍ୟ ଥିବା ଶୁଖୁଆ ନେବାକୁ ଗ୍ରାହକ ମାନଙ୍କୁ ପରାମର୍ଶ ଦେଇଛନ୍ତି। ସବୁ ମାର୍କେଟ ଠାରୁ ଏହି ମାର୍କେଟରେ ଭଲ ଶୁଖୁଆ ସାଙ୍ଗକୁ ଭଲ ମୂଲ୍ୟରେ ଶୁଖୁଆ ମିଳୁଥିବାରୁ ଦୂରଦୂରାନ୍ତରୁ ଲୋକମାନେ ଆସି ଶୁଖୁଆ ନେଇ ଯାଇଥାନ୍ତି। ଲୁଣି ଅଲଣି ଠାରୁ ଆରମ୍ଭ କରି ୧୦୦ରୁ ଉର୍ଦ୍ଧ ପ୍ରଜାତିର ମିଳୁଛି ଶୁଖୁଆ, ଜମୁଛି ଭିଡ। ସରକାର ଏହି ହାଟ ର ବ୍ୟବସାୟୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଦୋକାନ ଘର ନିର୍ମାଣ ପାଇଁ ବ୍ୟବସାୟୀମାନେ ଦାବି ଜଣାଇଛନ୍ତି।



# ଲାଭ ଦେଉଛି ଅର୍ଥକାରୀ ମସଲା ଜାତୀୟ ଫସଲ 'ସୁମୁରା'

ଜଳେଶ୍ୱର ବ୍ଲକ, ୨୩।୩ (ସମିସ) :

ଉତ୍ତର ବାଲେଶ୍ୱର ଅଞ୍ଚଳରେ ଖରିଫ୍ ଓ ରବି ଋତୁରେ ବ୍ୟାପକ ଧାନ ଚାଷ ହୋଇଥାଏ। କିନ୍ତୁ ସୁବର୍ଣ୍ଣରେଖା ନଦୀର ତଟବର୍ତ୍ତୀ ଅଞ୍ଚଳ ସ୍ୱର୍ଣ୍ଣ ପ୍ରସୂ ଉର୍ବର ପଟୁ ମାଟିରେ ବହୁଳ ଭାବେ ଅର୍ଥ ପ୍ରଦାନ କାରୀ ଫସଲ ଚାଷ ହୋଇଥାଏ। ଓଡ଼ିଶା ପଶ୍ଚିମବଙ୍ଗ ଉପାନ୍ତ ପଞ୍ଚାୟତ ଗୁଡିକରେ କେତେ ବର୍ଷ ଧରି ଅନ୍ୟ ସମସ୍ତ ଚାଷ ଛାଡି ନୂତନ ଭାବେ ସୁମୁରା(ଚନ୍ଦନୀ) ଚାଷକୁ ଚାଷୀମାନେ ଆପଣେଇ ନେଉଥିବା ଦେଖିବାକୁ ମିଳିଛି। ତେବେ କୌଣସି ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବା ବେଳେ ଚାଷୀ ଏହି ଚାଷରୁ ଖର୍ଚ୍ଚ ବାଦେ ଏକରପ୍ରତି ପ୍ରାୟ ୭୫ ହଜାର ଟଙ୍କା ଲାଭ ପାଇ ପାରୁଛନ୍ତି। ତେଣୁ ଏହାର ଅମଳ ପରେ ସରକାରୀ ସ୍ତରରେ କ୍ରୟ ଲାଗି ଚାଷୀ ମାନେ ଦାବି କରୁଛନ୍ତି।

ଅନ୍ୟପକ୍ଷରେ ସମସ୍ତ ଚାଷୀ ଏହି ଚାଷକୁ ଗ୍ରହଣ କଲେ ବା ଆଗ୍ରହ ପ୍ରକାଶ କଲେ ରବି ଋତୁରେ ହେଉଥିବା ଜଳେଶ୍ୱର ବ୍ଲକର ୬ ହଜାର ହେକ୍ଟର ଜମିର ଧାନ ଚାଷ ପ୍ରତି ଆକୃଷ୍ଟ ହୁଅନ୍ତେ ନାହିଁ ବୋଲି ମତ ଦେଇଛନ୍ତି। ପ୍ରତି ବର୍ଷ କାର୍ତ୍ତିକ ମାସ ଆସିଲେ ଜଳେଶ୍ୱର ବ୍ଲକର ମାକିଡିଆ, ଖୁଦିଆମାଝିସାହି, ଶିଖରପୁର ଓ ଓଲମରା ପଞ୍ଚାୟତର ଚାଷୀମାନେ କର୍ମ ଚଞ୍ଚଳ ହୋଇଉଠନ୍ତି। ସୁମୁରା ଏକ ମସଲା ଜାତୀୟ ଅର୍ଥକାରୀ ଫସଲ ହୋଇଥିବା ବେଳେ ଏହାର ବିହନ ବା ମଞ୍ଜୀ ସାଧାରଣତଃ ସହଜରେ ମିଳି ନ ଥାଏ। କିନ୍ତୁ ଏ ଅଞ୍ଚଳର ଚାଷୀମାନେ ଗତ ବର୍ଷର ଅମଳ ହୋଇଥିବା ଉତ୍କୃଷ୍ଟ ସୁମୁରାକୁ ବିହନ ଭାବେ ସାଇତି ରଖି ବ୍ୟବହାର କରଛନ୍ତି। କାର୍ତ୍ତିକ ମାସରେ ଏହାକୁ ଶୁଖୁଲା ଭୁଇଁରେ ଗଜା କରି ତଳି ପକାଇଥାନ୍ତି। ବିହନ ଚାରା ୩ ଚାରି ଇଞ୍ଚ ଉଚ୍ଚା ହେଲେ, ମନ୍ଦା କାଟି ୨/୩ ଟି ଲେଖାଏଁ ରୋପଣ



କରା ଯାଇଥାଏ। ସାଧାରଣତଃ କାର୍ତ୍ତିକ ମାସରେ ସୁମୁରାକୁ କେଜି ପ୍ରତି ୧ ହଜାର ଟଙ୍କାରେ କିଣି କେତେକ ଚାଷୀ ବିହନ ରୂପେ ମଧ୍ୟ ବ୍ୟବହାର କରିଥାନ୍ତି। ପରେ ୧୦-୨୬-୨୬ କିସିମ୍ ଓ ୨୮-୨୮-୦, ପଟାସ ଖାଦ୍ୟ ସାର ବ୍ୟବହାର କରା ଯାଇଥାଏ। ଏକରକୁ ୩୦ କି.ଗ୍ରା ୧୦-୨୬- ୨୬ ଓ ପ୍ରାୟ ୧୮ କିଲୋଗ୍ରାମର ଖାଦ୍ୟ ସାର ବ୍ୟବହାର କରି ଜମିରେ ପାଣି ସେଚନ ହୋଇଥାଏ। ଆବଶ୍ୟକ ଅନୁସାରେ ମାଣ୍ଡ ନାମକ ଏକ କୀଟନାଶକ ୨/୩ ଥର ସିଞ୍ଚନ କରାଯାଏ। ଗଛ ଗୁଡ଼ିକ ଝଙ୍କାଳିଆ ଓ ଧଳା ଫୁଲ ଛୋଟ ଛୋଟ ହୋଇଥିଲା ବେଳେ ଚୈତ୍ର ମାସରେ ଏହି ଗଛ ଗୁଡିକୁ ଉପାଡି ଘରକୁ ଆଣି ଅମଳ କରାଯାଏ। ୧ ଏକର ଜମିରେ ଚାଷୀ ୨୫ ହଜାର ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏଥିରୁ ଉତ୍ପାଦିତ ସୁମୁରାକୁ ୧ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାରେ ବିକିଥାନ୍ତି। ଏହି ଅଞ୍ଚଳରେ ଉତ୍ପାଦିତ ସୁମୁରା ଉତ୍କୃଷ୍ଟ ଧରଣର ଓ ସୁଗନ୍ଧ ଯୁକ୍ତ ମଧ୍ୟ। କାରଣ ଅଳ୍ପ କୀଟନାଶକ ଓ ସାର ଖର୍ଚ୍ଚରେ ଫସଲ ଅମଳ ହେଉଥିବାରୁ ତାର ମାନ ବଜାଇ ରହୁଛି।

**ସରକାରୀ ପ୍ରୋତ୍ସାହନ ଲାଗି ଚାଷୀଙ୍କ ଦାବି**

ତେଣୁ ସୁମୁରାକୁ କୁଅଁରପୁର ଗ୍ରାମର ଚାଷୀମାନେ ଅତି ଲାଭଦାୟକ ଫସଲ ଭାବେ ପରିଗଣିତ କରି ପାରିଛନ୍ତି। ଏକ ଜମିରେ ୬ ମାସରେ ଏହି ଫସଲ ଉପୁଜାଇବା ପରେ ସେହି କ୍ଷେତରେ ୩ ମାସରେ ବାଇଗଣ ଓ ପରବର୍ତ୍ତୀ ୩ ମାସରେ କୋବି ଆଦି ମିଶ୍ରିତ ଚାଷ କରି ଲାଭବାନ ହେଉଛନ୍ତି। ଏହି ପ୍ରମୁଖ ଚାଷୀ ମାନଙ୍କ ମଧ୍ୟରେ ଚୈତନ ଘଡାଇ, କ୍ଷିତୀଶ ଘୋଷ, ତାପସ ଦାସ, ଗୋପାଳ ଘୋଷ, ନିମାଇଁ ଘୋଷ, ନବ କୁମାର ପାଲ, ସଞ୍ଜୟ ଘଡେଇ, ଦାରାସିଂ ଚୌହାନ ପ୍ରମୁଖ ଚାଷୀ ସୁମୁରା ଚାଷର ଉତ୍ପାଦନ ପରେ ବଜାର ନ ଥିବାରୁ ବିକ୍ରି ନ କରି ପାରି ହଇରାଣ ହେଉଛନ୍ତି ବୋଲି କହିଛନ୍ତି। ଚାଷୀ ସୁମୁରାକୁ ଜଳେଶ୍ୱର, ବାରିପଦା, ଦାନ୍ତୁନ, ବେଲଦା, ଖଡଗପୁର, ବାଲେଶ୍ୱର ଆଦି ସ୍ଥାନକୁ ନେଇ ବ୍ୟବସାୟୀଙ୍କୁ କମ୍ ଦରରେ ବିକ୍ରି କରିଥାନ୍ତି। ମୂଲ୍ୟ ନିର୍ଦ୍ଧାରଣ ଓ ବଜାର ନ ଥିବାରୁ କିଲୋ ପ୍ରତି ୫ ଶହ ଟଙ୍କାରେ ବିକ୍ରି କରିବାକୁ ସେମାନେ ବାଧ ହେଉଛନ୍ତି। କୁଅଁରପୁର, ମାକିଡିଆ, ଗୋପାଳ ପ୍ରସାଦ, ତୋଟାପଡ଼ା, ଭାନୁପୁର, ଗଡ଼ସାହି, ବ୍ରହ୍ମପୁରା ଆଦି ଗାଁରେ ଏହି ଚାଷ ଅଧିକ ହେଉଛି। ଉପରୋକ୍ତ ଗାଁ ବ୍ୟତିତ ସୁଗୋ, ନାମ୍ପୋ, ନେତୁଆ, ବାଇଗଣବାଡିଆ, ଝାଡ ପିମ୍ପଳ, ପଶ୍ଚିମବାର୍ଡ, ଖୁଲୁଡା, ରାଜପୁର, ମହମ୍ମଦ ନଗର ପାଟଣା ଆଦି ଅଞ୍ଚଳରେ ସ୍ୱଳ୍ପ ପରିମାଣରେ ଏହି ସୁମୁରା ଚାଷ ହେଉଅଛି। ପ୍ରକାଶଯୋଗ୍ୟ, ଜଳେଶ୍ୱର ବ୍ଲକ ଅଞ୍ଚଳରେ ରବି ଋତୁରେ ୬ ହଜାର ହେକ୍ଟର ଜମିରେ ଧାନ ଚାଷ ହେଉଛି। ଏଥିରେ ଅଧିକ ପାଣି, ସାର, କୀଟନାଶକ ବାବଦରେ ଚାଷୀ ଅଧିକ ଖର୍ଚ୍ଚାନ୍ତ ହୋଇ କମ୍ ଲାଭ ପାଉଛି। ଅଞ୍ଚଳରେ ଧାନ ଚାଷକୁ ବ୍ୟାପକ ଗୁରୁତ୍ୱ ଓ ପ୍ରୋତ୍ସାହନ ମିଳୁଥିବାବେଳେ, ଅର୍ଥକାରୀ ଫସଲ କୁ ଆଶାତୀତ ସହଯୋଗ ମିଳୁନାହିଁ। ଏପରିକି ରବି ଋତୁରେ ହେଉଥିବା ଅର୍ଥକାରୀ ଫସଲର ପ୍ରାକୃତିକ ଦୁର୍ବିପାକ ଜନିତ କ୍ଷତିର ଭରଣା ଠିକ୍ ଭାବେ ହେଉନାହିଁ। ଏପରିକି ଲଗାତାର କାଳବୈଶାଖୀ ବର୍ଷାରେ ବିଭିନ୍ନ ଫସଲ ପ୍ରଭାବିତ ହେବା ସହିତ ଏହି ସୁମୁରା ଫସଲର ଫୁଲ ପଡ଼ିଯିବା ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତେଣୁ କୃଷି ବିଭାଗ ପକ୍ଷରୁ ଅଞ୍ଚଳରେ ପରିଦର୍ଶନ କରି ଚାଷୀଙ୍କୁ ପ୍ରୋତ୍ସାହନ ସହିତ ସଚେତନ କରାଇଲେ ସୁମୁରା ପରି ଅର୍ଥକାରୀ ଫସଲ ଚାଷୀ କରି ଅଧିକ ଲାଭବାନ ହେବା ସହିତ ଅଧିକ ସ୍ୱାବଲମ୍ବୀ ହୋଇପାରିବ ବୋଲି କୃଷି ବିଜ୍ଞାନୀ ମତ ରଖିଛନ୍ତି।

## ଜଳେଶ୍ୱର ବିଜେପିର କର୍ମୀ ସମାବେଶ

**ଜଳେଶ୍ୱର ବ୍ଲକ, ୨୩।୩ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋବରଘାଟା ପଞ୍ଚାୟତର କୃଷ୍ଣ ନଗର ଠାରେ ବିଜେପି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି।୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ସମସ୍ତ ୪୯ଟି ପଞ୍ଚାୟତ ପ୍ରମୁଖ ଓ ୧୭ଟି ୱାର୍ଡର ସଭାପତି ମାନେ ଉକ୍ତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପିର ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜିଲ୍ଲା ଲୋକସଭା ପ୍ରଭାରୀ ଆଶୁତୋଷ ପରିଡ଼ା, ବାଲେଶ୍ୱର ଲୋକସଭା ସଂଯୋଜକ ଶୁଭଙ୍କର ମହାପାତ୍ର, ଜଳେଶ୍ୱର ବିଧାନସଭା ସଂଯୋଜକ ଶାନ୍ତନୁ ପଟ୍ଟନାୟକ, ଜିଲ୍ଲା ଉପସଭାପତି ପ୍ରବୀର କୁମାର ପ୍ରଧାନ, ଯୁବ ବିଜେପି ନେତା ଦିବ୍ୟକାମ ମହାନ୍ତି, ଇଞ୍ଜିନିୟର ରତ୍ନାକର ରାୟ, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସମୀର କୁମାର ପାତ୍ର ପ୍ରମୁଖ ଯୋଗଦେଇ ସାଂଗଠନିକ ଅଭିବୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନଗର ସଭାପତି ତଥା ସାଂସଦଙ୍କ ପୌର ପ୍ରତିନିଧି ଫାଲ୍ଗୁନୀ ପାଣିଗ୍ରାହୀ, ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସୁମତିରାଣୀ ଦେ, ମଣ୍ଡଳ ସଭାପତି ତରୁଣ ପଟ୍ଟନାୟକ, ବିଶ୍ୱରୂପ ଦାସ, ତପନ କୁମାର ବିଶ୍ୱାଳ, ବିଜୟ ସାମଲ ଓ ଭୂପେନ ସାହୁ, କାଉନସିଲର ଚନ୍ଦନ ଦାସ ଓ ଶିବ ନାରାୟଣ ମହାପାତ୍ର, ଲକ୍ଷ୍ମଣନାଥ ସରପଞ୍ଚ ରଞ୍ଜନ ମହାନ୍ତି, ଦକ୍ଷିଣ ପ୍ରହରାଜପୁର ସମିତି ସଦସ୍ୟ ମୁକୁନ୍ଦ ରଞ୍ଜନ ଜେନା, ଯୁବ ନେତା ସମୀର ଘୋଷ, ଚନ୍ଦନ କର, କାଳୀ ଚରଣ ଦାସ, ପୂର୍ବତନ ସରପଞ୍ଚ ସତ୍ୟଶୋଭନ ମିଶ୍ର, ବିଜେପି ନେତା ଭୂପତି ଚରଣ ମିର୍ଦ୍ଧା, ଧ୍ରୁବ ଚରଣ ନାୟକ ପ୍ରମୁଖ ଯୋଗ ଦେଇ ଥିଲେ।

## କେଜ୍ରିୱାଲଙ୍କ ଗିରଫଦାରିକୁ ବିରୋଧ



**ନୀଳଗିରି, ୨୩।୩(ସମିସ):** ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଇଡି ଅସାମ୍ବିଧାନିକ ଭାବେ ଗିରଫ କରିଛି। ଇଲେକ୍ଟୋରାଲ ବଣ୍ଡରେ ବିଜେପି ସରକାର ସବୁଠୁଁ ବେଶି ଦୁର୍ନୀତି କରିଛି। ସେଥି ପାଇଁ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଗିରଫ ହେବା ଦରକାର ଦାବି ଏବଂ କେଜ୍ରିୱାଲଙ୍କ ଗିରଫକୁ ବିରୋଧ କରି ସିପି ଆଇ (ଏମ) ପକ୍ଷରୁ ଗରଡି ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇ (ଏମ)ର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର, ଯୋଗନନ୍ଦ ଦାଶ, ଗଙ୍ଗାଧର ମହାନ୍ତି, ସତ୍ୟଜିତ ଦାସ, ଲକ୍ଷ୍ମୀଧର ସାହୁ, ସୂର୍ଯ୍ୟା ସିଂ ପ୍ରମୁଖ ଅଭିଭାଷଣ ରଖିଥିଲେ।

## ଓଲଟିଲା ଇଟା ବୋଝେଇ ଟ୍ରାକ୍ଟର

● ପାଇପ୍ ଭାଙ୍ଗି ଜଳ ଯୋଗାଣ ବାଧାପ୍ରାପ୍ତ

**ଜଳେଶ୍ୱର ବ୍ଲକ, ୨୩।୩ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଉପାନ୍ତ ନଛିମପୁର ପଞ୍ଚାୟତର ସାହାଡ଼ାପଡ଼ା ଗାଁରେ ଇଟା ବୋଝେଇ ଏକ ଟ୍ରାକ୍ଟର ପୋଲ ଉପରୁ ସଡ଼କ ଖାଇକୁ ଓଲଟି ପଡ଼ିଛି। ସୂଚନା ଅନୁସାରେ ଶୁକ୍ରବାର ସକାଳେ ଏକ ନମ୍ବର ବିହୀନ ଟ୍ରାକ୍ଟର ନାଲି ଇଟା ନେଇ ସାହାଡ଼ାପଡ଼ା ଗାଁକୁ ଆସିଥିଲା। କୌଶଲ୍ୟା ମୋଡ଼ ନିକଟରେ ଭାରସାମ୍ୟ ହରାଇ ପୋଲ କଡ଼ରେ ଥିବା ସଡ଼କ ସୁଧା ପାଣି ପାଇପ୍ ଓ କଂକ୍ରିଟକୁ ଭାଙ୍ଗି ୧୦ ଫୁଟ ତଳକୁ ଖସି ପଡ଼ିଛି। ଚାଳକ ଅଳ୍ପକେ ରକ୍ଷା ପାଇଥିବା ବେଳେ ଉପରେ ୪ ନାବାଳକ ଶ୍ରମିକ ମଧ୍ୟ ପାଣିକୁ ଡେଇଁ ବର୍ତ୍ତି ଯାଇଛନ୍ତି।



ଫଳରେ ଏକମାତ୍ର ରାସ୍ତାରେ ଚଳ ପ୍ରଚଳ ବାଧାପ୍ରାପ୍ତ ହୋଇଛି। ଏପରିକି ଗ୍ରାମକୁ ବିଛା ଯାଇଥିବା ବସୁଧା ଜଳ ଯୋଗାଣ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିଥିଲା। ଜେସିବି ମାଧ୍ୟମରେ ଟ୍ରାକ୍ଟର ଉଦ୍ଧାର ହୋଇଥିବା ବେଳେ ଠିକାଦାର ଭରସାରେ ପାଇପ୍ ସଂଯୋଗ ହେବ ବୋଲି କୁହାଯାଉଛି। ସୂଚନା ଯୋଗ୍ୟ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଅଧିକ ପରିବହନ ଯୋଗୁଁ ରାସ୍ତା ଶୋଚନୀୟ ହୋଇପଡ଼ିଛି। ସ୍ଥାୟୀ ପକ୍କା ସଡ଼କ ନ ଥିବାରୁ ନଛିମପୁର ଆନନ୍ଦ ବଜାରଠାରୁ ସାହାଡ଼ାପଡ଼ା ରାସ୍ତା କାଦୁଅ ପଚ ପଚ ହୋଇ ପଡ଼ିଛି। କେତେକ ସ୍ଥାନରେ ରାସ୍ତାକୁ ସଙ୍କୁଚିତ କରିବା ଗ୍ରାମ୍ୟ ରାସ୍ତା ଜବର ଦଖଲ କରିବା ଓ ମାଲିକାନା ସ୍ଥାନ ଅନୁମତି ନ ଦେବାରୁ ସ୍ଥାୟୀ ସଡ଼କ ନିର୍ମାଣ ଓ ଉନ୍ନୟନରେ ବାଧା ଉପୁଜୁଛି ବୋଲି କୁହାଯାଇଛି।

## ଗଣତନ୍ତ୍ର ଓ ସମ୍ବିଧାନ ବଞ୍ଚାଅ ଦିବସ ପାଳିତ

**ଜଳେଶ୍ୱର ବ୍ଲକ, ୨୩।୩ (ସମିସ):** ଭଗତ ସିଂଙ୍କ ସହିଦ ଦିବସକୁ ଗଣତନ୍ତ୍ର ଓ ସମ୍ବିଧାନ ବଞ୍ଚାଅ ଦିବସ ଭାବରେ କୃଷକ ସଭା ପକ୍ଷରୁ ଲକ୍ଷ୍ମଣନାଥର ଅଗ୍ରୱାଲ ଛକରେ ପାଳନ କରାଯାଇଛି। ପ୍ରଥମେ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଆଜି ପୂର୍ବାହ୍ନରେ ସଭା ଅନୁଷ୍ଠିତ ହୋଇଛି। ଭଗତ ସିଂ ଥିଲେ ଆନ୍ଦୋଳନ ଓ ବିପ୍ଳବର ମିଶାଲ। ତାଙ୍କର ଲଢେଇଥିଲା ଫାସିବାଦ, ସାମ୍ରାଜ୍ୟବାଦ, ସାମ୍ପ୍ରଦାୟିକତାବାଦ ଓ ଜାତିବାଦକୁ ନେଇ। କାହିଁକି ଲୋକେ ପେଟ ପୁରା ଖାଇବାକୁ ନ ପାଇ ଶୋଷଣ ଓ କଷଣ ଭିତରେ ଫସିଛନ୍ତି ମାତ୍ର ଆଜି ଦେଶରେ ଏକ ଅଘୋଷିତ ଜରୁରୀ ପରିସ୍ଥିତି କେନ୍ଦ୍ରର ବି.ଜେ.ପି. ସରକାର ଜାରିକରିଛନ୍ତି। ଜନଗଣଙ୍କର କୌଣସି ସମସ୍ୟାର ସମାଧାନ ନକରି ନିର୍ବାଚନରେ ହାରିଯିବା ଭୟରେ ନେତାମାନଙ୍କୁ ଗିରଫ କରି ଭର୍ତ୍ତିକରିବାରେ ଲାଗିଛନ୍ତି।ନିର୍ବାଚନୀ ବଣ୍ଡ ବର୍ତ୍ତମାନ ଦେଶର ସବୁଠୁବଡ଼ କେଳେଙ୍କାରୀ। ଆଜିର ଏ ସଭା ଏହାକୁ ଦୃଢ ଭାବରେ ନିନ୍ଦାକରିବା ସଙ୍ଗେ ସଙ୍ଗେ ତୁରନ୍ତ ଗିରଫ ନେତାମାନଙ୍କୁ ଖଲାସ ନ କରି ଏଭଳି ଭାବରେ ଗଣତନ୍ତ୍ରକୁ ହତ୍ୟାକଲେ ଏକ ଜନ ଆନ୍ଦୋଳନ ସୃଷ୍ଟି ହେବ ବୋଲି ବକ୍ତାମାନେ ଚେତାବନୀ ଦେଇଛନ୍ତି। ସଭାରେ କୃଷକ ସଭାର ବ୍ଲକ କମିଟି ସମ୍ପାଦକ ରବୀନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ସୀତାଂଶୁ ସେନାପତି, ଦିଲ୍ଲୀପ ଗିରି, ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ ପରିଡ଼ା, ଚନ୍ଦନ କର, ସୁଦାମ ପାତ୍ର, ପଲ୍ଟୁ ଦାସ, ଚନ୍ଦନ କାମିଲା, ନିରୋଜ ବେହେରା, ଅନନ୍ତ ଘୋଷ, ବିକାଶ ବାରିକ, ଜ୍ଞାନେନ୍ଦ୍ର ନାଥ ଜେନା, ସୁବୋଧ ଚୌଧୁରୀ, ନରେନ ସିଂ, ନିକୁଞ୍ଜ ଘୋଷ, ରଞ୍ଜନ ଘୋଷ, ଲକ୍ଷ୍ମୀଧର ଗିରି, ବିମଳ ଦାସ, ପୂର୍ଣ୍ଣ ସିଂ, କୁଆଁର ସିଂ, ରୁହିଆ ଟୁଡୁ, ସୁରେନ୍ଦ୍ର ବେହେରା, ଅତୁଳ କୁମାର ରଣା, ବାବୁରାମ ରାଉତ, ମନୋଜ ମହାନ୍ତି ଆଦି ନେତୃତ୍ୱ ମାନେ ଉପସ୍ଥିତ ରହିବା ସହିତ ଶେଷରେ ବସନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ ଓ କଳସ ଯାତ୍ରା

**ଜଳେଶ୍ୱର ବ୍ଲକ, ୨୩।୩ (ସମିସ):** ଜଳେଶ୍ୱର ବ୍ଲକ ଗୋପୀ ମୋହନପୁର ଗ୍ରାମ ପଞ୍ଚାୟତର ଛମୌଜ ରାଣୀ ପଡ଼ିଆଠାରେ ଗ୍ରାମବାସୀଙ୍କ ଆୟୋଜନରେ ସାର୍ବଜନୀନ ଛପନ ମାଦଳ ହରିନାମ ସଂକୀର୍ତ୍ତନ ଉପଲକ୍ଷେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବତୀଶ ବେଶ ସହିତ ଭାଗବତ କଥାମୃତ ଆଜିଠାରୁ ୩୧ ତାରିଖ ରବିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜି ସକାଳ ୮ ଘଟିକା ସମୟରେ ପ୍ରାୟ ୫ ଶହ ମହିଳାଙ୍କୁ ନେଇ ଏକ କଳସ ଶୋଭାଯାତ୍ରା ପଞ୍ଚାୟତ ସମସ୍ତ ଗ୍ରାମ ମନ୍ଦିରକୁ ଯାଇ ପରିକ୍ରମା କରିଥିଲେ। ପରେ ପରେ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପାବନ କ୍ଷେତ୍ରରେ ଯଜ୍ଞାଦି କର୍ମ ତଥା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶର ଶୁଭ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୨୪ ତାରିଖ ରବିବାର ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳ ୭ ଘଟିକାରୁ କଲ୍ୟାଣପୁର, ମହିଷାମୁଣ୍ଡା, ସରସିଦା, ବାସୁଳିଆ ଗ୍ରାମ ଏବଂ ଛମୌଜ ଗ୍ରାମରେ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହେବ। ତା ଛଡା ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମହା ଆରତୀ ସହିତ ଭାଗବତ କଥାମୃତ, ମେଳି ତଥା



ପ୍ରସାଦ ସେବନ ଅନୁଷ୍ଠିତ ହେବ। ପୁରୀରୁ ଆସୁଥିବା ପ୍ରବଚକ ଶ୍ରୀ ରଙ୍ଗରାଜ ମାଧବ ଦାସ ବ୍ରହ୍ମଚାରୀଙ୍କ ପ୍ରବଚନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ବିଶେଷ କରି ଆୟୋଜିତ ୩୨ ବେଶ ସମାରୋହରେ ନବ ଦିନ ବ୍ୟାପି ଶ୍ରୀ ଜୀଉଙ୍କର ପ୍ରତ୍ୟେକ ମୁଖ୍ୟ ସେବା ପାବନ କ୍ଷେତ୍ରରେ ଯଥାବିଧି ଅନୁଷ୍ଠିତ ହେବ।

## ଟ୍ରକ୍ ପଛରେ ପିଟିଲା ବାଇକ୍, ଜଣେ ମୃତ

**ନୀଳଗିରି/ପଞ୍ଚଲିଙ୍ଗେଶ୍ୱର , ୨୩।୩ (ସମିସ):** ବାଲେଶ୍ୱର ଜିଲ୍ଲାର ନୀଳଗିରି ଥାନା ଅଧୀନସ୍ଥ ବାରାକୋଇଲି ଛକ ନିକଟରେ ଟ୍ରକ ପଛରେ ପିଟହେଲା ବାଇକ୍। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛି। ସୂଚନାରୁ ଜଣାଯାଇଛି, କେନ୍ଦ୍ରାପଡ଼ା ଜିଲ୍ଲା ବଟିରା ଗ୍ରାମର ପ୍ରଶାନ୍ତ ନାୟକ ଓ ପ୍ରଶାନ୍ତ ବେହେରା ନାମକ ଦୁଇ ଜଣ ଯୁବକ ନିର୍ମାଣଧିନ କେନାଲ କାମ କରୁଥିବା ବେଳେ କୌଣସି କାମରେ ସନ୍ତରାଗଡ଼ିଆ ବଜାରକୁ ଆସିବା ରାସ୍ତାର ବାରାକୋଇଲି ଛକ ନିକଟରେ ଅପରପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପଛରୁ ପିଟି ଦେଇଥିଲେ। ଯାହା ଫଳରେ ଘଟଣାସ୍ଥଳରେ ପ୍ରଶାନ୍ତ ନାୟକଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରଶାନ୍ତ ବେହେରା ଗୁରୁତର ହୋଇଥିଲେ। ପରେ ପ୍ରଶାନ୍ତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଈଶ୍ୱରପୁର ମେଡିକାଲକୁ ନେଇଥିଲେ। ଅବସ୍ଥା ସଙ୍କଟପନ୍ନ ହେବାରୁ ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ବର୍ଣ୍ଣବୋଧ ସଚେତନତା କାର୍ଯ୍ୟକ୍ରମ

**ଜଳେଶ୍ୱର ବ୍ଲକ, ୨୩।୩ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁ ରାମଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ତୋପବନ ଉଚ୍ଚ ବିଦ୍ୟାଳୟ, ପ୍ରିୟନାଥ ପ୍ରାଥମିକ ବିଦ୍ୟାଳୟ ଏବଂ ବାଲୁକେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ ଜଳେଶ୍ୱର ଶ୍ରୀ ଯୁବ ମଞ୍ଚ ଦ୍ୱାରା ଓଡ଼ିଆ ବର୍ଣ୍ଣବୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଓଡ଼ିଆ ଭାଷା ପ୍ରତି ଆଦୃତ ଏବଂ ଓଡ଼ିଆ ଭାଷା ତଥା ବ୍ୟାକରଣ ଗତ ଶୁଦ୍ଧତା ଉପରେ ଜ୍ଞାନର ଅଭାବ ଯୋଗୁଁ ଆଜିକାଲି ଓଡ଼ିଆ ଭାଷାର ମହତ୍ୱ ହ୍ରାସ ପାଉଅଛି। ଏଥିପାଇଁ ଶ୍ରୀ ଯୁବ ମଞ୍ଚ ଜଳେଶ୍ୱର ଓଡ଼ିଶାର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ସଚେତନ କରେଇବା ସହ ଓଡ଼ିଶା ଭାଷାକୁ ଶୀର୍ଷତମ ସ୍ଥାନକୁ ନେବାକୁ ଉଦ୍ୟମ କରିବ।



ଉକ୍ତ କାର୍ଯ୍ୟକମରେ ମୁଖ୍ୟବକ୍ତା ଭାବରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଗୁଆଗାଡ଼ିଆର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେନ୍ଦ୍ର ନାଥ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପାଳ ଯୋଗଦାନ କରି ଓଡ଼ିଶା ଭାଷାର ହୃତପିଣ୍ଡ ଛବିଳ ବର୍ଣ୍ଣବୋଧ ପଢ଼ିବାର ମହତ୍ୱ ସମ୍ପର୍କରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମ ଜଳେଶ୍ୱର ଶ୍ରୀ ଯୁବମଞ୍ଚର କାର୍ଯ୍ୟକର୍ତ୍ତା ରବୀନ୍ଦ୍ର ଜେନା, ସଂଗ୍ରାମ ଜେନା, ଦେବ ପାଠୀ, ବିପ୍ଳବ ପ୍ରଧାନ, ଗଜେନ୍ଦ୍ର ଖମାରୀ, ମୀରାବତୀ ବାରିକ, ହରିହର ସାହୁ, ସାଗର ଦାସ, ବିଶ୍ୱଜିତ ଗିରି, ଜିତୁନ ଜେନା, ସପନ ରାଉତ, ଚନ୍ଦନ ଜେନା, ଜୟଦେବ ରାଉତ ପ୍ରମୁଖଙ୍କ ଉଦ୍ୟମରେ ଆୟୋଜିତ ହୋଇଥିଲା।ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଏବଂ ଶିକ୍ଷୟତ୍ରୀମାନେ ଉପସ୍ଥିତ ହୋଇ ଯୁବ ମଞ୍ଚର କାର୍ଯ୍ୟକର୍ତ୍ତାମାନଙ୍କୁ ଧନ୍ୟବାଦ ଦେବା ସହ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ପଢ଼ିବା ଦ୍ୱାରା ପିଲାମାନଙ୍କ ର ସୃଜନ ଶକ୍ତିର ବିକାଶ ହେବା ସହ ମାତୃଭାଷାର ଉନ୍ନତି ହୋଇ ପାରିବ ବୋଲି ମତଦାନ କରିଥିଲେ।

## ଚନ୍ଦନେଶ୍ୱର ଚଡ଼କ ମେଳାର ସୁବ୍ୟବସ୍ଥାର ଅନୁଧ୍ୟାନକଲେ ବିଡିଓ

ଚନ୍ଦନେଶ୍ୱର, ୨୩।୩ (ସମିସ) :

ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ଭୋଗରାଇର ଚନ୍ଦନେଶ୍ୱର ଶୈବପୀଠରେ ଚଡ଼କ ମେଳା ଆସନ୍ତା ଚୈତ୍ର ୧୮ ଦିନ ଏପ୍ରିଲ ୧ତାରିଖରୁ ଆରମ୍ଭ ହୋଇ ୧ବୈଶାଖ ୧୪ଏପ୍ରିଲରେ ସମାପନ ହେବ। ତେଣୁ ଗତକାଲି ଶୁକ୍ରବାର ଭୋଗରାଇ ପଞ୍ଚାୟତ ସମିତି ସଭାଗୃହରେ ପ୍ରସ୍ତୁତି ବୈଠକ ସମାପନ ପରେ ମୈରସୀ ତପନ କୁମାର ପଣ୍ଡା ଓ ମୁଖ୍ୟ ସେବାୟତ ବୁଦ୍ଧଦେବ ପଣ୍ଡାଙ୍କ ଉପସ୍ଥିତିରେ ବାଲେଶ୍ୱର ଜିଲ୍ଲାପାଳ ଆଶିଷ ଠାକରେ, ଏସପି ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜ, ଜଳେଶ୍ୱର ଏସଡିପିଓ ଦିଲ୍ଲିପ କୁମାର ସାହୁ ପ୍ରମୁଖ ବାବା ଚନ୍ଦନେଶ୍?ରଙ୍କ ପୀଠକୁ ଆସି ଅନୁଧ୍ୟାନ କରିବା ସହିତ ମଣ୍ଡନ ପୋଖରୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମେଳା ପୂର୍ବରୁ ଶେଷ କରିବାକୁ ନିର୍ଦ୍ଦେଶ ଦେଇଯାଇଛନ୍ତି। ସେଥିପାଇଁ ଶନିବାର ମୁଖ୍ୟ ସେବାୟତ ବୁଦ୍ଧଦେବ ପଣ୍ଡାଙ୍କ ଉପସ୍ଥିତିରେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ



ଉମାକାନ୍ତ ପରିଡ଼ା, ସହକାରୀ ଯନ୍ତ୍ରୀ ପପୁ ଭୂୟାଁ, ସୁଦିପ୍ତ ରାଉତ, ପ୍ରମୁଖ କଣ୍ଟ୍ରାକ୍ଟର ଜ୍ୟୋତିପ୍ରକାଶ ମହାନ୍ତି ଓ ସୁପରଭାଇଜର ଦେବାନନ୍ଦ ଦାସଙ୍କ ସହିତ ଆଲୋଚନା କରିଥିଲେ ଏବଂ ମାର୍ଚ୍ଚ ୩୧ସୁଦ୍ଧା ସମସ୍ତ କାର୍ଯ୍ୟ ସମାପନ ପାଇଁ ତାଗିଦ୍ କରିଥିଲେ। ଓଡ଼ିଶା, ପଶ୍ଚିମବଙ୍ଗ ତଥା ଅନ୍ୟାନ୍ୟ ପ୍ରଦେଶରୁ ଆସୁଥିବା ଉପବୀତ ଧାରୀ ଭକ୍ତ ସମେତ ଏହି ମେଳାକୁ ଦଶ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ଦୀର୍ଘ ଦିନ ଧରି ମଣ୍ଡନ ପୋଖରୀ ଆବର୍ଜନାରେ ପୋତିହୋଇ ଯାଇ ସହିତ ଦୂଷିତ ପାଣିରେ ଶ୍ରଦ୍ଧାଳୁ ମାନେ ବୁଡ ପକାଇବାକୁ ବାଧ ହେଉଥିଲେ। ସେଥିପାଇଁ ମନ୍ଦିରର ମୈରସୀ ତପନ କୁମାର ପଣ୍ଡା, ସେବାୟତ ବୁଦ୍ଧଦେବ ପଣ୍ଡା ସମେତ ସେବାୟତ ଓ ପୂଜାପଣ୍ଡା ମାନେ ୫-ଟି ଅଧ୍ୟକ୍ଷଙ୍କ ଭୋଗରାଇ ତଥା ମନ୍ଦିର ପରିଦର୍ଶନରେ ଆସିଥିବା ବେଳେ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ୧୭୫୦ ବର୍ଗ ମିଟର ପରିମିତ ମଣ୍ଡନ ପୋଖରୀର ପୁନରୁଦ୍ଧାର, ମଣ୍ଡନ ମଣ୍ଡପ, ପାଚେରୀ, ଗାଡି ପାର୍କିଂ ଓ ପାର୍କ ଆଦି ପାଇଁ ବ୍ୟବସ୍ଥା କରାଯାଇ ଏସମସ୍ତ କାର୍ଯ୍ୟ ଆରମ୍ଭ କରାଯାଇଛି। ମେଳା ପୂର୍ବରୁ ଉକ୍ତ କାର୍ଯ୍ୟ କିପରି ସମାପନ ହୋଇପାରିବ ଏବଂ ସହକାରୀ ଯନ୍ତ୍ରୀ ମାନଙ୍କ ସହାୟତାରେ ତାହାର ସ୍କେଚ ମ୍ୟାପ ଦେଖିଥିଲେ। ଏଥି ସହିତ ବ୍ଲିଚିଙ୍ଗ କରି କିପରି ପାଣି ସଫା ରହିବ, ମନ୍ଦିର ଆଗରେ ଗାଡି ପାର୍କିଂ ଭିତରକୁ କିପରି ସୁବିଧାରେ ଗାଡି ଯିବାଆସିବା କରିପାରିବ ତାହାକୁ ନିରୀକ୍ଷଣ କରି କଣ୍ଟ୍ରାକ୍ଟରଙ୍କୁ ସୁବିଧା ଯୋଗ୍ୟ ପଦକ୍ଷେପର ପରାମର୍ଶ ପ୍ରଦାନ କରିଥିଲେ। ସେହିପରି ମଣ୍ଡନ ମଣ୍ଡପ ନିର୍ମାଣ କାର୍ଯ୍ୟ ସହିତ ପୋଖରୀର ଗାର୍ଡ଼ୱାଲ ଢଳେଇ ତଦାରଖ, ଲକ୍ଷାଧିକ ଭକ୍ତଙ୍କ ସ୍ନାନ କରିବାର ସୁବିଧାକୁ ନଜର ଦେଇ ପୋଖରୀର ଷ୍ଟେପ ଗୁଡ଼ିକ ବର୍ତ୍ତମାନ ପାଇଁ କାମଚଳା ସଫା କରିରଖିବା ଆଦି ବିଷୟରେ ନିର୍ଦ୍ଦେଶ ଦେଇଛନ୍ତି।

